
# କାଶତଣ୍ଡି

ଅଭୟ ପ୍ରସାଦ ଦାସ



# କାଶତଣ୍ଡୀ

ଅଭୟ ପ୍ରସାଦ ଦାସ

ପ୍ରକାଶକ

ଆମରିସତ୍ୟ
AMARISATYA

# କାଶତଣ୍ଡୀ

**ଶ୍ରୀଯୁକ୍ତ ଅଭୟ ପ୍ରସାଦ ଦାସ**
**ସର୍ବସ୍ୱ , ଅଧିକାରୀ :** ଶ୍ରୀଯୁକ୍ତ ଅଭୟ ପ୍ରସାଦ ଦାସ
**ପ୍ରଥମ ସଂସ୍କରଣ : ୨୦ ଅଗଷ୍ଟ, ୨୦୧୭**
**ପ୍ରକାଶକ:** ଆମରିସତ୍ୟ, ଏମ୍‌-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପ୍ରାଣନାଥ କଲେଜ, ଜିଲା: ଖୋରଧା, ପିନ୍‌: ୭୫୨୦୫୭
**ମୁଦ୍ରଣ:** ପ୍ରତିଭା ପ୍ରିଣ୍ଟର୍ସ, ୟୁନିଟ୍‌-୯, ଭୁବନେଶ୍ୱର
**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ଲୋଚନ ରଥ
**ଲେଖକଙ୍କ ଠିକଣା :** ଅଭୟ ପ୍ରସାଦ ଦାସ, ୩ୟ ଲେନ୍‌, ବାପୁଜୀ ନଗର, ମେଡିକାଲ ବ୍ୟାଙ୍କ କଲୋନୀ, ବରହମପୁର-୭୬୦୦୦୪, ଗଞ୍ଜାମ,
**ମୋବାଇଲ୍‌** : ୦୯୮୬୧୨୨୦୯୫୨
ମୂଲ୍ୟ : **୧୨୦ ଟଂକା**

---

**KASATANDI**

*Shri Abhaya Prasada Das*
©*: Abhaya Prasada Das*
***1st Edition*** *: 20 Aug. 2017*
**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980
**Printed at**:
PRATIVA PRINTERS
Unit -9, Bhubaneswar
**Cover Design & Formating** : Rajib Rath
*Address of the Author - Shri Abhya Prasad Das, 3rd Lane, Bapuji Nagar, Medical Bank Colony, Berhampur - 760004, Ganjam*
*Mob. : 09861220952*

**ISBN 978-93-85900-20-4**

Price: ₹ 120.00

# ମାତ୍ର ପଦେ କଥା...

**"କାଶତଣ୍ଡୀ"** ମୋର ଦ୍ୱିତୀୟ କବିତା ପୁସ୍ତିକା । ଏହା ପୂର୍ବରୁ ମୋର ପ୍ରଥମ କବିତା ବହି **"ଦେବଭୋଗ୍ୟା"** ପ୍ରକାଶିତ ହୋଇସାରିଛି ।

କାଶତଣ୍ଡୀର କବିତାଗୁଡିକ କାଶତଣ୍ଡୀ ଫୁଲ ଭଳି ସରଳ ଏବଂ ସ୍ୱଚ୍ଛ । ସୁନ୍ଦର ଗୋଲାପ ଫୁଲ ପରି କାଶତଣ୍ଡୀ ଖାନଦାନୀ ଫୁଲ ନୁହେଁ, ହେଲେ କାଶତଣ୍ଡୀକୁ ନଈପଠାରେ ପ୍ରାକୃତିକ ପରିବେଶରେ ଯେ ଦେଖିଛି ସେ ତାହାର ସୌନ୍ଦର୍ଯ୍ୟରେ ବିମୋହିତ ହୋଇଛି ନିଶ୍ଚୟ । ସେହିପରି ମୋର କାଶତଣ୍ଡୀର କବିତା ଗୁଡିକ ସରଳ ଏବଂ ବୋଧଗମ୍ୟ ଭାଷାରେ ରଚିତ । ଯେ କୌଣସିର ବର୍ଗର ପାଠକ ପାଠିକାଙ୍କ ପାଇଁ କାଶତଣ୍ଡୀ ଏକ ମନୋରଞ୍ଜନର ମାଧ୍ୟମ ହୋଇପାରିବ ବୋଲି ମୁଁ ଆଶା ରଖିଛି ନିଶ୍ଚୟ ।

କବିତା ଲେଖିବା ଏକ କଳା ହୋଇପାରେ ହେଲେ ସେ କଳାକୁ ଧଳା କାଗଜ ଫର୍ଦ୍ଦରେ ଧରି ରଖିବାର କାର୍ଯ୍ୟଶୈଳୀଟି କେତେଯେ ଗୁରୁତ୍ୱପୂର୍ଣ୍ଣ ତାହା କେବଳ କବି/ଲେଖିକା ବା ଲେଖକ ଏବଂ ପାଠକ ପାଠିକା ହିଁ ଜାଣନ୍ତି । ଏ କଳାଟି ମୋର ସହପାଠୀ ଏବଂ ବଂଧୁ ପ୍ରସନ୍ନ (ଡ: ପ୍ରସନ୍ନ କୁମାର ଜେନା) ଙ୍କୁ ଭଲ ଭାବରେ ଜଣା । ତାଙ୍କରି ସହଯୋଗ, ସଦିଚ୍ଛା ଏବଂ ନିଷ୍ଠାପରତାର ସ୍ୱରୂପ ମୋର ଏହି କବିତା ପୁସ୍ତିକା "କାଶତଣ୍ଡି" ର ଜନ୍ମ।

ବଂଧୁ ପ୍ରସନ୍ନ ଙ୍କୁ ଏଥିପାଇଁ ଧନ୍ୟବାଦ। ପ୍ରକାଶନ ଦାୟୀତ୍ୱ ନେଇଥିବା ଯୋଗୁଁ ମୁଁ "ଆମରିସତ୍ୟ" ଅନୁଷ୍ଠାନ ପାଖରେ ଚୀର ଋଣୀ ।

**ଧନ୍ୟବାଦର ସହ**

**ଅଭୟ ପ୍ରସାଦ ଦାସ**

# ଉତ୍ସର୍ଗ

ଏହି କବିତା ପୁସ୍ତକଟିର ପ୍ରକାଶନ ପାଇଁ
ମୋର ଧର୍ମପତ୍ନୀ
**ଶ୍ରୀମତୀ ନୀତା ଦାସ**
ଏବଂ ମୋର ତିନି ଝିଅ **ସୋନାଲିସା, ମନୀଷା** ଓ **ଶକ୍ତି ସ୍ୱରୂପା**
ଅନବରତ ଉତ୍ସାହ, ପ୍ରେରଣା
ଓ ସହଯୋଗ ପ୍ରଦାନ କରି ଆସିଛନ୍ତି ।
ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ
**'କାଶତଣ୍ଡୀ'** କୁ
ମୁଁ ସେମାନଙ୍କ ହାତରେ ଅର୍ପଣ କରୁଅଛି ।

**ଅଭୟ ପ୍ରସାଦ ଦାସ**

# ସୂଚୀପତ୍ର


| | | |
|---|---|---|
| ୧. | କାଶତଣ୍ଡୀ | ୭ |
| ୨. | ଦେହାତୀତ | ୯ |
| ୩. | ଅଭିଳାଷ | ୧୧ |
| ୪. | ପିଲାଦିନ | ୧୩ |
| ୫. | ତୁମେ | ୧୭ |
| ୬. | ଅବସର | ୨୦ |
| ୭. | ବୟସ | ୨୩ |
| ୮. | କାଳୀଗାଈ | ୨୬ |
| ୯. | କଲ୍ୟାଣୀ | ୨୯ |
| ୧୦. | ହିତୈଷିଣୀ | ୩୧ |
| ୧୧. | କବିତାର ଦାହ | ୩୩ |
| ୧୨. | ତାରୁଣ୍ୟ | ୩୬ |
| ୧୩. | ଅହଲ୍ୟା | ୩୮ |
| ୧୪. | ତୃଷା | ୪୦ |
| ୧୫. | ପ୍ରେୟସୀ ସ୍ମରଣେ | ୪୨ |
| ୧୬. | ଦାମିନୀ | ୪୬ |
| ୧୭. | ରହସ୍ୟମୟୀ | ୪୮ |
| ୧୮. | ଛେଲିଟିଏ | ୫୦ |
| ୧୯. | ମାତ୍ର ସେତିକି ଲୋଡ଼ା | ୫୨ |
| ୨୦. | ଅନନ୍ତା | ୫୫ |
| ୨୧. | ହସଟିଏ | ୫୭ |
| ୨୨. | ଜୀବନ ଦାନ | ୬୦ |
| ୨୩. | ସୁରଭିତ ଜୀବନ | ୬୩ |
| ୨୪. | ବ୍ୟର୍ଥ ଶୀତ | ୬୫ |
| ୨୫. | ଆସେ ବସନ୍ତ | ୬୮ |

# ସୂଚୀପତ୍ର


୨୬.ଏଇ ମୋ ଜୀବନ ୭୧
୨୭. ସ୍ୱପ୍ନ ୭୩
୨୮. ସ୍ୱୀକାରୋକ୍ତି ୭୫
୨୯. ନିର୍ବାଣ ୭୮
୩୦. ଶ୍ରାବଣୀ ଓଷା ୮୦
୩୧. ପୁଅ ଆଉ ପେନ୍‌ସନ୍ ୮୩
୩୨. ବମ୍ବେରେ ବର୍ଷା ୮୬
୩୩. ଫାଇଲିନ୍ ୮୯
୩୪. ସୁକନ୍ୟା ୯୨
୩୫. ଅପାଲୋ ୯୫
୩୬. ପାଉଁଶ ୯୭
୩୭. ଅନୁରାଧା ୯୯
୩୮. ତୁମକୁ ଭେଟିଲା ପରେ ୧୦୨
୩୯. ଆଶା ଆଶଙ୍କା ୧୦୫
୪୦. ବ୍‌ବାର ମନ୍ତ୍ର ୧୦୭
୪୧. ନିଷ୍ଠା ୧୧୦
୪୨. ପାଗଳ ୧୧୩
୪୩. ଫୁଲର ବିଳାପ ୧୧୬
୪୪. ମୋ ଗାଁ ମାଟି ୧୧୯
୪୫. ସହୃଦୟତା ୧୨୨
୪୬. ନୀରବତା ୧୨୫
୪୭. ବଙ୍କୁଲିବାଡ଼ି ୧୨୮
୪୮. ଛାଡ଼ପତ୍ର ୧୩୧
୪୯. ଜରାଶ୍ରମ ୧୩୫
୫୦. ମୋ ବାପା ମୋର ୧୩୮

# କାଶତଣ୍ଡୀ

ପଙ୍କଜା ମୁଁ
ପଙ୍କରେ ନୁହେ ଜାତ
ପିତୃ ମାତୃହୀନ ଶିଶୁ ମୁଁ ଅନାଥ
ମୋ ଜନ୍ମ ଠିକଣା ଅଳିଆ ଗଦା
ସହରର କେଉଁ ନିକା ନିଆ ପଥପ୍ରାନ୍ତ।
ମୁଁ ଏକ ଜାରଜ ସନ୍ତାନ
ନିଷ୍କରୁଣ ନିର୍ଦ୍ଦୟ ଯନ୍ତ୍ରଣା
ଭୋଗିଥିବା ଦୁଃଖିନୀ କଳଙ୍କିତ ମା'ର
ମୁଁ ଏକ ଅବୈଧ ସନ୍ତାନ।

ମୁଁ ଅନାଥା ଅନାଥାଶ୍ରମର
ଅନାଥ ଆଶ୍ରମ
ସାମୟିକ ଆଶ୍ରୟଦାତା ମୋର
ନୁହେଁ ଏହାମୋର ସ୍ଥାୟୀ ଠିକଣା
ମୋ ପରିଚୟର
ମୋ ଅବଶିଷ୍ଟ ଜୀବନକାଳର

ମୁଁ ଏବେ ଅନୂଢ଼ା ମୁଁ ଷୋଡ଼ଷୀ
ନୀଳାକ୍ଷି ମୁଁ ରୂପସୀ
ମୁଁ ଯୁବତୀ କେଶବତୀ
ମୁଁ ସୁନ୍ଦରୀ ମୁଁ ଲାବଣ୍ୟବତୀ
ମୁଁ ଖୋଜୁଛି ମୋ ମନର ମଣିଷ
ମୋ କନ୍ଦର୍ପ ପୁରୁଷ
ସ୍ୱପ୍ନର ମୋ ରାଜକୁମର
ମୋ ଜୀବନ ଯୁଦ୍ଧର ରାଠୋର ।

ମୁଁ ସାଜିବି ତା’ ପାଇଁ
ଗ୍ରୀଷ୍ମର ଶୀତଳତା
ଶୀତର ଉଷ୍ମତା
ତା ପାଇଁ ମୁଁ ହେବି
ବର୍ଷାର ମହ୍ଲାର
ମଳୟ ଫଗୁଣର
ରଚିବି ତା’ ହୃଦୟେ ପ୍ରେମର ବର୍ଣ୍ଣାଳୀ
ମୋ କୋକିଳର କୁହୁତାନେ
ତା’ ପାଇଁ ଗାଇବି ଜୀବନ ସଂଗୀତ
ତା’ ତନ୍ତ୍ରୀରେ ମୁଁ ଖେଳାଇବି
ପ୍ରେମର ଫୁଆରା
ଇନ୍ଦ୍ରଧନୁ ରଙ୍ଗରେ ରଙ୍ଗାୟୀତ ।

ସେ ବୁଝିବ ମୋ ମନକୁ ମୋ ତନୁକୁ
ଦେବ ଯାଚି ମୋତେ ସ୍ତ୍ରୀର ଅଧିକାର
ନିର୍ଦ୍ଦିଷ୍ଟ ଠିକଣା ମୋ ସ୍ଥାୟୀତ୍ୱର
ବାସ୍ତବ ପରିଚୟ ମୋ ଜୀବନର ।

ମୋ ଜୀବନେ
ଗୋଲାପ ଫୁଲର ପରିଚୟ
ମୋ ପାଇଁ ହୋଇପାରେ କଷ୍ଟ
କାଶତଣ୍ଡୀ ଫୁଲର ପରିଚୟ
ମୋ ପାଇଁ ଯଥେଷ୍ଟ
ଏଇ ପରିଚୟେ ହେବି ମୁହିଁ ତୁଷ୍ଟ ।

ଅନାମଧେୟୀ ମା’ ମୋର
ଥିଲେବି ଯେଉଁଠି
ମୋ ପରିଚୟେ ହେବଦୂର
ତା’ ମାତୃତ୍ୱର କ୍ଲିଷ୍ଟ ।

❖❖❖

# ଦେହାତୀତ

ମୁକ୍ତ କର ମୋତେ
ମୋ ମାଟିର ଦେହରୁ
ପିଣ୍ଡରୁ ପ୍ରାଣ ଗଲାଣି ଚାଲି
ଶରୀରରୁ ଆତ୍ମା ହେଲାଣି ଖାଲି
ଆତ୍ମା ମୋର ପାଉ ଚିର ଶାନ୍ତି ଏବେ
ପରମାତ୍ମା ମିଳନରେ ।
ବାନ୍ଧି ରଖିବାକୁ କରନାହିଁ ଚେଷ୍ଟା
ତୁମ ଶ୍ରଦ୍ଧାର ଲୁହରେ ।

ମୁଁ ଥିଲି ତୁମର
ତୁମେ ମାନେ ବି ଥିଲ
ଅତି ଆପଣାର ମୋର ।
ବିଭିନ୍ନ ସଂପର୍କରେ ଯୋଡ଼ିହୋଇ
ବର୍ଷବର୍ଷ ଧରି କଟାଇଲେ
ଏ ଧରା ମାଟିରେ
ମୋତେ ତୁମେ କେତେ ପାଉଥିଲ ଭଲ
କରୁଥିଲ ଘୃଣା
ଏବେ କର ଆକଳନ
ମୋ ଅବ ର୍ମାନରେ ।

ମୁଁ ଏବେ ଅତୀତ
ତୁମେ ବ ର୍ମାନ
ଡ଼ରନାହିଁ କରନାହିଁ ଭୟ
ଏବେ ତୁମେତ ସ୍ୱାଧୀନ
କର କର ଆକଳନ

ମୋ ବ୍ୟକ୍ତିତ୍ୱର କର ମୂଲ୍ୟାୟନ
ଜୀବଲୋକେ ହେବି ମୁହିଁ ଧନ୍ୟ
ପରଲୋକେ ହେଲେ ମଧ୍ୟ ଗୌଣ ।

ମୁଁ ଏବେ ଦେହାତୀତ
ନିୟତିର ନୀତିରେ ସିମୀତ
ମୋତେ ତୁମେ ପାରିବନି ଦେଖି
ଚାହିଁଲେବି ପାରିବନି ଛୁଇଁ
ଶୁନ୍ୟ ଏହି ବାୟୁମଣ୍ଡଳ
ମୋର ଚରାଭୁଇଁ ।

ଜନ୍ମ ଆଉ ମୃତ୍ୟୁ
ଏହା ବିଧିର ବିଧାନ
କଳଚକ୍ରର ଘୁର୍ଣ୍ଣନ
ଅନ୍ତରରୁ ଭଲ ପାଉଥିଲେ
ମୋତେ ଖୋଜୁଥିଲେ
ମୋତେ ଲୋଡୁଥିଲେ
ମୁଁ ଅଛି ତୁମ ପାଶେ
ନାହିଁ ବହୁଦୂରେ
ପୁଣି ଆସିପାରେ ଅଶରୀରେ
ତୁମରି ଶ୍ରଦ୍ଧାରେ
ତୁମରି ଡ଼ାକରେ ।

ମୋତେ ତୁମେ ଖୋଜ
ତୁମେ ମୋତେ ଚାହଁ
ଏବେ ମୁଁ ଘୁରୁଛି ଆଉ ଘୁରୁଥିବି
ତୁମ ଶୁଭଚିନ୍ତକ ହୋଇ
ଡ଼ରନାହିଁ, କରନାହିଁ ଭୟ
ମୁଁ ପରା ତୁମ ରକ୍ଷାକବଚ
ସାଜିଛି କେବଳ ତୁମରି ପାଇଁ ।

❖❖❖

# ଅଭିଳାଷ

ଜନ୍ମ ଆଉ ମୃତ୍ୟୁ
ତା ମଝିରେ ଜୀବନ
ଏ ମଣିଷ ଜାଣେ
କ୍ଷଣିକ ଏ ଜୀବନ
ଜିଇଁବାରେ କି ପ୍ରୟୋଜନ ?
ଚିରଞ୍ଜିବି ହେବାପାଇଁ
ଅଭିଳାଷ କରେ ସେ ପୋଷଣ ।

ଅଭିଳାଷ ଶବ୍ଦ ଏକ
ଅର୍ଥ ତା ବ୍ୟାପକ
ତା ମଧ୍ୟରୁ ହୁଏ ସୃଷ୍ଟି
ମଣିଷର ଇଚ୍ଛା, ମନର କାମନା
ମନବାଞ୍ଛା ଓ ଅଭିପ୍ସା
ପାଇବାର ଆଶା, ମନର ଲିପ୍ସା
ମନ ମଧ୍ୟ ସର୍ବଦା ବାନ୍ଧିଥାଏ ବସା ।

ଇଚ୍ଛାକଲେ ମଣିଷର
ସବୁଇଚ୍ଛା ହୁଏ କି ପୂରଣ ?
ଆଶାକରି ଆଶାଯଦି ବୃଥା ହୁଏ
ପାଏ ସେ କଷ୍ଟଣ
ମନକାମନା ମନେ ପା୍
ନରନାରୀ କରି ଉପବାସ
ଇପସିତ୍ ନ ଲଭିଲେ
ମନେ ଆସେ ଅବଶୋଷ
ମନବାଞ୍ଛା ଅପୂରଣେ
ମାନସିକ ବ୍ରତଧାରୀ ହୁଅଇ ହତାଶ ।

ଅଭିଳାଷର କି ଅଛି କେବେ ଶେଷ ?
ସବୁ ଜାଣି ମଧ୍ୟ
ମଣିଷର ବୃଥା ଏ ପ୍ରୟାସ
ପ୍ରକୃତିର ଏକି ଉପହାସ ?

ଜନ୍ମସାଥେ ଜୀବସହ
ଅଭିଳାଷ ଥାଏ ବିଜଡ଼ିତ
ଅଭିଳାଷର ନାହିଁ ମୃତ୍ୟୁ
ନାହିଁ ମଧ୍ୟ ଅନ୍ତ
ଆଦିରୁ ଅନନ୍ତ ଆତ୍ମାସହ
ଥାଏ ସେ ଜୀବିତ ।
ଏକ ଜନ୍ମେ ଅଭିଳାଷ
ନହେଲେ ପୂରଣ
ପୁନଃର୍ଜନ୍ମ ହୁଏ ପୁଣି
ଅଭିଳାଷ ଅପୂରଣ
ଏହାର କାରଣ ।

ହେୟଜ୍ଞାନ କରନାହିଁ
ଚେଷ୍ଟା ରଖ ଜାରି
ଅଭିଳାଷ ଚରିତାର୍ଥ ପାଇଁ
ଆର ଜନମ ନୁହେଁ ତୁମର ଅଧିନ
ଆତ୍ମ ସମର୍ପଣ କରି
ବିଭୁପଦ ତଳେ ଘେନ ହେ ଶରଣ ।
ଏଇ ଜନମରେ ଅଭିଳାଷ
କରହେ ପୂରଣ
ନ ଲଭ ନ ଲଭ ଆଉ ପୁନର୍ଜନ୍ମ ।

❖❖❖

# ପିଲାଦିନ

କାହିଁଗଲା ମୋର ସେ ପିଲାଦିନ
କେତେ ମଜାଳିଆ, କଉତୁକିଆ
ଗେଲବସରିଆ ସେ ସୁଖ ଜୀବନ ।
ବାପା ମାଆଙ୍କର ଦୁଇପୁଅ
ଆମେ ଦୁଇ ଭାଇ ବଡ଼ ଓ ସାନ
ଅଳ୍ପ ସାନ ବଡ଼ ଦୁଇ ବନ୍ଧୁ ଭଳି
ବା ୂଥିଲୁ ସୁଖ ଦୁଃଖ
କଳିତକରାଳ କରୁଥିଲୁ ଆମେ
କରୁଥିଲୁ ଖୁସିଗପ ।

ଟିକିଏ ଟିକିଏ କଥାରେ
କରୁଥିଲୁ ଆମେ କେତେ ଝଗଡ଼ା
ମୁଥ ମରାମରି ଚୁମୁଟା ଚୁମୁଟି
ଗାଁ କାଦୁଅ ମାଟିରେ ହେଉଥିଲୁ ଗଡ଼ାପଡ଼ା
ଲହୁଲୁହାଣ ହେଉଥିଲୁ ଆମେ
କଥାବା ର୍ । ପୁରା ବନ୍ଦ
ଆମେ ପ୍ରତିଜ୍ଞା କରୁ
ଓଳିକ ପରେ ଆର ଓଳିକି
କେମିତି କେଜାଣି ଆପେ ଆପେ
କୋଳାକୋଳି ହଉ
ଏକାଠି ଥାଉ
ଆଉ କଥା ନ ଧରୁ ।

ଦୁଇଭାଇ ଆମେ ଜୀବନ ଗୋଟିଏ
ପିନ୍ଧାପିନ୍ଧିରେ ନଥାଏ ଭେଦାଭେଦ
ମୋ କୁରୁତାକୁ କେବେ ସାନ ପିନ୍ଧିଦିଏ
ତା ପେଷ୍ଟକୁ ମୁଁ ପକାଏ ପିନ୍ଧି
ଆମେ ଦୁଇଜଣ ଦେହ ଦୁଇଟି
ହେଲେ ଆତ୍ମାତ ଗୋଟିଏ ଖିଅରେ ଛନ୍ଦି ।

ଦୁଇଭାଇ ଆମେ ଅତୁଟ ସ୍ନେହ
କେତେ ଖରା ବର୍ଷା, ଶୀତ
ଆମ କାଟିଛି ଦେହ ।
ଜାଡ଼ ଶୀତରେ ଏକାଠି ପୁଇଁଛୁ ନିଆଁ
କାଦୁଅ ପାଣିରେ ବର୍ଷା ଦିନରେ
ଗୋଟେ ଛତା ତଳେ ହୋଇଛୁ ଠିଆ ।
ଗାଁ ଦାଣ୍ଡରେ ବର୍ଷା ସୁଅରେ ଛାଡ଼ିଛୁ
ଆମେ କେତେ କାଗଜ ଡ଼ଙ୍ଗା ।

ବହି ବସ୍ତାନି ଧରି ସ୍କୁଲ ଯାଉ
ସାଙ୍ଗସାଥିମେଳେ କଥା କେତେ ଯେ ହେଉ
କହିଲେ ଗପିଲେ ହେବ ପୁରାଣ
ଆମ ସଭିଙ୍କର ଥାଏ ଗୋଟିଏ ମନ
ବେଳେ ବେଳେ ସାଙ୍ଗସାଥିଙ୍କ ସହ
ହୁଏ ଝଗଡ଼ା ଝାଟି
ଦୁଇଭାଇ ଆମେ ବାହାରିପଡୁ
ଲଢ଼ିବାକୁ ସାଥେ ସାଥେ ଏକାଠି ।
ଗାଁ ସାଙ୍ଗସାଥି ମେଳେ ଖେଳିଛୁ
ଆମେ କେତେ ଯେ ଖେଳ
ଦିନ ଯାଇ ରାତି ଆସଇ
ଜଣା ପଡ଼େନି ବେଳ ।

ଚୋର ପୁଲିସ, ବାଗୁଡି ଖେଳ, ଡ଼ାଳ ମାଙ୍କୁଡ଼ି
ଡ଼ାହୁ ପୁଆ, ହା କିତିକିତି, ରୁମାଲ ଚୋରୀ
ଫୁଟବଲ, ଗୁଡ଼ିଉଡ଼ା ଆଉ ଲୁଚକାଳି
ଆଉ କେତେ ଯେ ଖେଳ
ଏ ବୟସେ ମୁଁ ଗଲିଣି ଭୁଲି ।

ଆମ ଗାଁ ଠାକୁର ପ୍ରଭୁ ଶ୍ରୀ ଚକାଚନ୍ଦନ
ତାଙ୍କ ପାଇଁ ଗାଁରେ ଆମ ଦୋଳ ମେଲଣ
ମହାଲକ୍ଷ୍ମୀ, ଦଶହରା, ଅଷ୍ଟପ୍ରହରୀ
ଚନ୍ଦନ ଯାତ୍ରା, ପଣା ସଂକ୍ରାନ୍ତି ରଙ୍ଗର ହୋଲି
ସବୁ ପୁନିଅଁ ପର୍ବ ଯାନିଯାତରା ସେଠି
ଆମ ଗାଁବାସୀ ଆମେ ହେଉ ଏକାଠି
ଦୁଇ ଭାଇ ଆମେ ମଜା ଲୁଟାଉ
ସେ ମଜା ଏବେ ଆସିବ କାହୁଁ ?

ବେଳ ଗଡ଼ିଗଲା
ବଦଳି ଗଲା ସେ ଦିନ ଗୁଡ଼ାକ
ଗାଁ ଛାଡ଼ି ସାନ ଗଲା ସହରକୁ
ସେଠି ପଢ଼ିଲା ପାଠ
ପାଠ ପଢ଼ାସାରି ସାନ ଗଲା
ବିଦେଶ ଚାଲି, ଚାକିରୀ କରି
ପାଠ ହେଲାନି ମୋର
ସ୍କୁଲ ପରେ ମୁଁ
ପାଠରେ ବାନ୍ଧିଲି ଡ଼ୋରି ।
ଗାଁରେ ରହିଲି ମୁଁ ବିଦେଶରେ ସାନ
ଦୁହିଁଙ୍କ ସଂସାର ହୋଇଲା ଭିନ୍ନ
କାହା ଜୀବନ ନୁହେଁ କାହା ଅଧିନ
ଯିଏ ଯେଝାର ହେଲେ ସ୍ୱାଧୀନ ।

ସଂପର୍କ ନଥାଏ କା'ସାଥେ କା'ର
ବରଷ ବରଷ ଧରି
ମନେ ପଡ଼ନ୍ତିନି କେବେ କେହି କାହାରି ।

କଳିଷଠା ଷାଠିଏ
ଏ ବୟସରେ ଏବେ ସବୁ
ପିଲାଦିନ କଥା ପଡୁଛି ମନେ
କେମିତି କେଜାଣି ସାନ ସାଥେ
ହୁଅନ୍ତା କି ଦେଖା ଏ ଜୀବ ଜୀବନେ ।

ବୟସ ହେଲାଣି ଏବେ
କେତେବେଳେ କିଏ ଯିବରେ ଖସି
ମଝିବରଡ଼ା ଭାରି ପଡ଼ିଲାଣି
ତଳ ବରଡ଼ା ଯାଉଛି ଖସି ।

ଜୀବ ଥାଉ ଥାଉ ସତେକି
ସାନ ଥରେ ଗାଁକୁ ଆସିବ ଫେରି
ଆମେ ଦୁଇଭାଇ କାନ୍ଧେ ହାତ ଥାପି
ଗାଁ ଦାଣ୍ଡରେ ଯିବୁକି ବୁଲି ?
ଆମେ ଦୁଇଭାଇ ଖୁସି ଗପରେ
ଯାଆନ୍ତୁ ମାତି
ହୁଅନ୍ତା କି ସତ ନିୟତି ଯଦି
ଦିଅନ୍ତା ସାଥୀ ।

❖❖❖

# ତୁମେ

ତୁମେ !
ତୁମେ ସେଇ ଅଢ଼େଇ ଅକ୍ଷର ମଧ୍ୟରେ
ଏତେ ସ୍ନେହ ଏତେ ପ୍ରେମ ଆଉ ସରାଗ
ପୁଣି ଏତେ ଆତ୍ମୀୟତା
କେମିତି କେଜାଣି ରହିଛି ଭରି
ଆଜି ଏ ବୟସେ ମାରୁଛି ମୁଣ୍ଡିଆ
ମା' ଠାକୁରାଣୀ କି
କେମିତି ଖଞ୍ଜିଲା
ମୋ ସାଥେ ତୁମରି ଯୋଡ଼ି ।
ଭାବିଲା ବେଳକୁ ପଡ଼ିଯାଏ ମନେ
ଚାଳିଷ ବର୍ଷ ତଳର କଥା
ବାହାଘର ପରେ ଆମ ଘର ଏରୁଣ୍ଡି ଡେ଼ଇଁ
ଆସିଥିଲ ତୁମେ ଦେହେ ନାଲିପାଟ
ପୁଣି ଓଢ଼ଣା ଭିତରେ
ନୁଆଁଇ ନୁଆଁଇ ମଥା ।

ଉଣେଇଷ ବର୍ଷର ଝିଅଟିଏ
ତୁମେ ଝିଅ ନୁହେଁ ଥିଲ ଅପସରୀ
ବିନା ଗହଣା, ନାହିଁ ଫୁଲହାର ଶୃଙ୍ଗାର ବିନା
ସେଥିରେ ବି ତୁମେ କେମିତି
ଦିଶୁଥିଲ ଏଡ଼େ ସୁନ୍ଦରୀ ?
ଏ ବୟସେ ଆଜି ସବୁ ଗୋଟି ଗୋଟି
ମୋ ପଡୁଛି ମନେ
ଗହମ ରଙ୍ଗର ଦେହରେ

ଶାନ୍ତ ସରଳ ମୁହଁରେ
ତୁମ କଥା କହିବାର ଠାଣି
ଆସୁଥିଲେ ଯିଏ ଦେଖିବାକୁ ତୁମକୁ
ନୂଆବୋହୂ ତୁମେ
ତାଙ୍କ ମନ ନେଉଥିଲ କିଣି ।

ଶାଶୁ, ନଣନ୍ଦ, ଝିଆରୀ, ପୁତୁରା, ଯାଆ
ଦେଢ଼ଶୁର, ଭଣଜା, ଭାଣିଯି ଆଉ ଆଇ ମା'
ସମସ୍ତଙ୍କ ମୁହେଁ
ଥିଲା ତୁମ ନାଆଁଟି ଘୋଷା
ସ୍ନେହ, ସରାଗ, ଶ୍ରଦ୍ଧା, ସମ୍ମାନ
ଯାହାକୁ ଯେତିକି ଦେଉଥିଲ ମନ ଜାଣି
ଶତ୍ରୁକୁ ତୁମେ ମନାଉଥିଲ ପୋଷା ।

ଦିନ ଗଡ଼ିଗଲା
ତୁମ ବୟସ ବଢ଼ିଲା
ବୟସ ଠାରୁ ତୁମ ବିଚକ୍ଷଣ ଥିଲ ବେଶୀ
ପରିସ୍ଥିତି କୁ ଆଦରି ନେଇ
ନିସ୍ୱାର୍ଥପର ସେବା କରୁଥିଲ ତୁମେ
ମଜା ମଜା କଥା କହି
କଥା ହେଉଥିଲେ ସଭିଏଁ
ସତେକି ଜନମ ତୁମର
ସମସ୍ତଙ୍କ ସେବା ପାଇଁ ।

ମା' ଭୂମିକାରେ ସଫଳ ତୁମେ
ଦୁନିଆ ଯାକର ଶ୍ରେଷ୍ଠ ମା'ମାନଙ୍କ
ଗୁଣ ଚରିତ୍ର ଦେଇଥିଲ ସତେ ଘୋଷି
ତୁମ ପିଲାମାନଙ୍କ ପାଇଁ
ତୁମେ ସ୍ନେହମୟୀ ଥିଲ ଯେତିକି

ଶୃଙ୍ଖଳା ପାଇଁ ତୁମେ ତା'ଠାରୁ
କଠୋର ଥିଲ ବେଶୀ
ତୁମେ ତ ମା' ନାଁଆରେ ଏକ ଅନୁଷ୍ଠାନ
ପିଲାଙ୍କ ଜୀବନ କରିବା ସାର୍ଥକ
ପିଲାଙ୍କୁ ବା ିଦେଇ ତୁମ ଗୁଣ ।

ତୁମେ ହିଁ ତୁମେ
ତୁମେ ସ୍ତ୍ରୀଟିଏ ସର୍ବଗୁଣ ସମ୍ପର୍ଣ୍ଣା
ତୁମ ଶ୍ରେଷ୍ଠତ୍ୱ ପାଇଁ
ତୁମ ପରି ସ୍ତ୍ରୀ ଜଗତେ
ଆଉ ସତେ ଅଛନ୍ତି କାହିଁ ?
ତୁମେ ସ୍ନେହଶୀଳା, ବୁଦ୍ଧିମତୀ ତୁମେ ସଂସ୍କାରୀ
ବିଘ୍ନରବନ୍ତ ତୁମେ, ପତିବ୍ରତା ତୁମେ ପରୋପକାରୀ
ଶୁଭଙ୍କରୀ, ଶୁଭାକାଙ୍କ୍ଷୀ ତୁମେ ସ୍ନେହମୟୀ
ତୁମ ପରି ସ୍ତ୍ରୀ ଭାଗ୍ୟରେ ଥିଲେ ମିଳଇ
ବାରମ୍ବାର ଜନମ ନେବି ମୁଁ
କେବଳ ତୁମରି ପାଇଁ ।



# ଅବସର

ଅବସର
ଗୋଟିଏ ଶବ୍ଦ ଚାରୋଟି ଅକ୍ଷର
ବ୍ୟସ୍ତବହୁଳ ଜୀବନରେ
ଥାଏ ପ୍ରାଧାନ୍ୟ ତାହାର
ଏହା ବିନା ପଡ଼ିଯାଏ ହାହାକାର
କ୍ଲାନ୍ତି ଓ ଅବସାଦ ପାଇଁ ଶ୍ରେଷ୍ଠ ଉପଚାର ।

କର୍ମଧନ୍ଦା, ବ୍ୟସ୍ତତା, ଜୀବନ ଜଞ୍ଜାଳ
ହାଡ଼ଭଙ୍ଗା ଖଟଣିରେ
ଜୀବନ ଏଠି ଅସ୍ତବ୍ୟସ୍ତ
ଶରୀର ଲୋଡିଥାଏ ମାରିବାକୁ ଥକ୍କା
ଅବସର କରଇ ଆଶ୍ୱସ୍ତ ।
ଏ ଧରାରେ କୀଟ ପତଙ୍ଗ ଠାରୁ
ପଶୁ ମଣିଷ ଜୀବ ସକଳ
ଘଟଣାପୂର୍ଣ୍ଣ ଜୀବନରେ ସମସ୍ୟା ବହୁଳ ।

ଏଠି ଆହାର ଖୋଜିବାକୁ
ଚଢ଼େଇଟିଏ ଛାଡ଼ିଯାଏ ବସା
ବ୍ୟସ୍ତତା ତା'ର ଆହାରର ଅନ୍ୟଭାଷା ।
ଖଟିଖିଆ ମୂଲିଆଟିଏ
ଦିନଯାକର ଖଟଣୀରେ ନଇଁ ପଡ଼ିଥାଏ
କାର୍ଯ୍ୟଭାରାରେ ଭାରାକ୍ରାନ୍ତ ଚାକିରିଆ
ଫାଇଲର ଗଦାତଳେ ହୁଏ ସେ ହାଲିଆ
ସୀମା ସରହଦ ଜଗିଥିବା ସୈନିକ

ବେପାର ବଣିଜରେ ବ୍ୟସ୍ତଥିବା ବଣିକ
ଦେଶପ୍ରେମୀ ବୈଜ୍ଞାନିକ ଅବା
ମନ ମଜାଉଥିବା ଅଭିନେତା କିମ୍ବା
ରାଜନୀତିରେ ବୁଡ଼ି ରହିଥିବା ନେତା ବା
ଗୁଣ୍ଡାଗିରୀ ବଦମାସୀରେ ଲିପ୍ତଥିବା ହିଂସୁକ
ନକ୍ସଲ ଓ ମାଓଷ୍ଟି ଖେଳାଉଥିବା ଆତଙ୍କ
ସମସ୍ତେ ରକ୍ତ ମାଂସଧାରୀ ମଣିଷ
ବ ୍ବାକୁ ଜୀବନରେ କରନ୍ତି ସଂଘର୍ଷ ।


ସଂଘର୍ଷର ରୂପ ଅନେକ ଶୈଳୀ କିନ୍ତୁ ଭିନ୍ନ
ଯେକେହିବି ନିଜ ଧନ୍ଦାରେ ଥାଆନ୍ତି ମଗ୍ନ
ଆଗକୁ ଆଗେଇ ଯିବାକୁ ଉଚ୍ଛନ୍ନ
ଏହାହିଁ ବର୍ମାନ ଯୁଗର ଲକ୍ଷଣ ।

ଅତୀତ ଆଉ ବର୍ମାନ ଭିତରେ ଫରକ ଅନେକ
ପ୍ରତିଯୋଗିତା ଉଦ୍‌ବେଗ ଓ ଉତ୍‌କଣ୍ଠା
ରୋଗହିଁ ବର୍ମାନ ଯୁଗର ପ୍ରତୀକ
ଧନ୍ଦା, ପେଷା, ବେଉସା ଓ ଜୀବିକା ଯାହାର
ସେମାନେ ଏ ରୋଗର ହୁଅନ୍ତି ଶୀକାର ।

ହାଡ଼ଭଙ୍ଗା ପରିଶ୍ରମରୁ ନେବାକୁ ବିଶ୍ରାମ
ଶରୀରର କ୍ଲାନ୍ତି ମନର ଅବସାଦ
ମେ ।ଇବାକୁ ହେଉଥାଏ ମନ
ହେଲେ ଅବସର ତାଙ୍କ ପାଇଁ
ଏଠାରେ ସପନ

ଏଠି ମରିବାକୁ ନାହିଁ ତାଙ୍କୁ ବେଳ
କାର୍ଯ୍ୟଭାର କରେ ତାଙ୍କୁ କଲବଲ ।

ତଥାପି ଜାଣେ ଏ ମଣିଷ
ଅବସର ଫୁଟାଏ ମୁହେଁ ତାଙ୍କ ହସ
ଅବସର ସ୍ଫୁର୍ ବଢ଼ାଏ
ଅବସର ଉତ୍ସାହ ଜନ୍ମାଏ
ଅବସର କ୍ଲାନ୍ତି ମେ ।ଏ
ଅବସର ଆତ୍ମବିଶ୍ୱାସ ଜଗାଏ
ଅବସର ନେଇଗଲେ ଥରେ
କାର୍ଯ୍ୟଦକ୍ଷତା ବଢ଼ିଯାଏ ଅନେକ ଗୁଣରେ
ମଣିଷ ଜୀବନ ଜୀବିକା ମହାସଂଗ୍ରାମର
'ଅବସର' ଅଟେ ଜୀବନ ବର୍ଦ୍ଧକ ମହାଉପଚାର ।



# ବୟସ

ଅଶରୀରୀ ଏ ବୟସଟା
ନିରାକୃତି, ବେଚେହେରା, ନିରାକାର
କପଟିଆ କାହ୍ନାଠାରୁ ବଳି
ଖେଳୁଥାଏ ଲୁଚକାଳି
ସମସ୍ତଙ୍କ ସାଥେ
ସ୍ରଷ୍ଟାଠାରୁ ସୃଷ୍ଟିଯାଏ
ସାମନାକୁ ଆସିବାକୁ ଭୟପାଏ
ଅଗୋଚରେ ସମସ୍ତଙ୍କୁ ଡ଼ରାଉଥାଏ ।

ଦୟାନାହିଁ ମାୟାନାହିଁ
ହୃଦୟହୀନ ଏ ବୟସଟା
ଛାଡ଼େନାହିଁ କାହାକୁ ସେ
ପିଲାଠାରୁ ବୁଢ଼ାଯାଏ
ଲୁଚି ଲୁଚି ପ୍ରତିକ୍ଷଣେ
ଛୁଇଁ ଛୁଇଁ ଚାଲିଥାଏ ।

ଅଶରୀରୀ ବୟସର
ଆଖିବଡ଼ ସବୁ ଦେଖିପାରେ
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ଠାରୁ
ପଶୁ ଓ ମଣିଷଯାଏ
ପ୍ରସାରୀ ତା ଲମ୍ବାହାତ
ଆଙ୍ଗୁଳି ଦେଖାଏ
ମଣିଷକୁ ଶୃଙ୍ଖଳା ଶିଖାଏ
ପ୍ରତିକ୍ଷଣେ ଚେତାଉଥାଏ ।

ବିଚକ୍ଷଣ ମସ୍ତିଷ୍କରେ
ବୟସ କରିଚ୍ଛଲେ ତା ଗଣନା
ସବୁ ଠିକଥାଏ ତା ଗଣିତ
ମା ପେଟ ଭ୍ରୁଣ ଠାରୁ ତା ହିସାବ
କରେ ସେ ପ୍ରସ୍ତୁତ ।
ଗଣନା ଚ୍ଛଲୁ ରଖେ
କ୍ଷଣକୁ କ୍ଷଣ ଦିନ ମାସ ବର୍ଷ
ଏ ମଣିଷ ବନିଯାଏ ମା' କୋଳୁ
ବୟସର ଦାସ ।

ବୟସ ଶୈଶବ ଦିଏ
ଦିଏ କୈଶୋର, ଯୌବନ, ପ୍ରୌଢ଼ତ୍ୱ
ବାର୍ଦ୍ଧକ୍ୟ ଆଣି ଶେଷେ
ବଢ଼ାଏ ସେ ଜୀବନର ଗୁରୁତ୍ୱ ।
ନିର୍ମମ ସେ ବୟସଟା
ଅତି ହିଁ ନିଷ୍ଠୁର
ଅଭିଜ୍ଞ ବୃଦ୍ଧ ପରେ
କରେ ଅତ୍ୟାଚ୍ଛର
ପରିଣତ ବୟସରେ ଶ୍ରୀହୀନ କରି
ଏ ମଣିଷକୁ କରେ ରୋଗଗ୍ରସ୍ତ
ବୟସଟା ଅବିବେକି
ନଥାଏ ବିଚ୍ଛାର
କେବଳ ସେ ବୁଝେ ନିଜ ସ୍ୱାର୍ଥ
ତା ନିଜ ଜିଦିରେ ଅଟଳ ।

ବୟସଟା ବଳୀୟାନ ଶକ୍ତିମାନ
ସମସ୍ତଙ୍କ ବୟସରେ ସେ ଆୟୁଷ୍ମାନ
ସ୍ୱାର୍ଥପର ବୟସ !
ଚିରାଚରିତ ଚିରନ୍ତନ ମୃତ୍ୟୁ ନାହିଁ ତା'ର
ସମସ୍ତଙ୍କ ମୃତ୍ୟୁ ପାଇଁ ଥାଏ ସେ ତତ୍ପର ।

ବୟସର ଅଛି କି କେବେ
କେହି ପ୍ରତିଦ୍ୱନ୍ଦୀ
କରିବାକୁ ତାକୁ ପ୍ରତିହତ ?
ମାନବ କୌଶଳରେ
ସେ ହେବକି ଆହତ ?
ଅତ୍ୟାଧୁନିକ ଯୁଗରେ ବିଜ୍ଞାନ ଅତ୍ୟାଧୁନିକ
ଭିଡ଼ିଲାଣି ଅ । ଯୌବନ ପାହାଚରେ
ବୟସକୁ କରିବ ଅଟକ ।

ଯୌବନ ବୟସର ଶ୍ରେଷ୍ଠ ଅବଦାନ
ସୀମିତ ସମୟରେ ହୁଏ ସେ ଉଭାନ୍
ବିଜ୍ଞାନ କରୁଛି ପ୍ରଚେଷ୍ଟା
ଚୀରସ୍ଥାୟୀ ହେବ ଏ ଯୋବନ
ମାନବ ସମାଜ ପାଇଁ ବିଜ୍ଞାନର
ହେବ ଏହା ଶ୍ରେଷ୍ଠ ବରଦାନ ।
ବୟସ ହିଁ ହେବ ପରାହତ
ବିଜ୍ଞାନର ହେବ ଜୟକାର
ବିଜ୍ଞାନ ହୋଇବ ମହାନ ।

❖❖❖

# କାଳୀଗାଈ

ଆମ କାଳୀଗାଈ
ଭାରି ଦୁହାଁଳିଆ କିନ୍ତୁ କମଖାଏ
ଦୁଧ ବହୁତ ଦିଏ ।
ବୋଉର ସେ ନୟନ ପିତୁଳା
ନାଁ ଦେଇଛି ସେ 'ନେତ' ।
ବାପାଙ୍କର ସେ ଆଦର ର 'ମଣି'
ଆଈ ମା'ର ସେ ଲକ୍ଷ୍ମୀ ଠାକୁରାଣୀ
ଗାଈ ନୁହେଁ ସେ କାମଧେନୁ ଆମର
'ଗେହ୍ଲି' ନାଁରେ ଗାଁ ଲୋକେ ଡ଼ାକନ୍ତି ତାକୁ
ଗାଁରେ ତା'ର ବଡ଼ ଆଦର ।

ଗଲାକାଲି ସକାଳୁ ଯାଇଥିଲା କାଳୀ
ଚରିବାକୁ ସବୁଦିନଭଳି
କାଲି ରାତି ଯାଇ ଆଜି ଦିନ ବି ଗଲା
କାଳୀ ଏଯାଏ ଆସିଲା ନାହିଁ
ଘର ଲୋକେ ଆମ ଚିନ୍ତାରେ ଏବେ
କାଳୀ ତେବେ ରହିଲା କେଉଁଠି ଯାଇ ?

କାଳୀ ନୁହେଁ ଓଲେଇ
ଖାଏ ନାହିଁ କାହାର ସେ
କିଛି ଫେରେଇ
ସୁଧାର ଗାଈ ସେ କାହା ବାରିରେ


ପଶେନି ଧସି
ଗଛ ଲଟା ଟାଣିଓଟାରି
କାଳୀ କେବେ ଖାଏନି ପଶି
ଭାରି ଶାନ୍ତ ସରଳ ତା'ର ସ୍ୱଭାବ
କାଞ୍ଜିଆଗଦା ତାକୁ କାହିଁ କେ' ନେବ ?

ଘରକୁ ଆସିନି କାଳୀ
ହେଲା ଦି' ଦିନ
ଦି' ଦିନ ଉପାସ ରହିଛି ବୋଉ
ଊଣା ତା ମନ
କେବେ କେବେ କାଳୀ ନ ଆସିଲେ
ଏମିତି ଘରକୁ ରାତିରେ
ବୋଉ ଛୁଏଁନି ଜଳ
ଏଇଟା ତା' ପୁରୁଣା ଅଭ୍ୟାସ
ତା' ମନର ବଳ ।

ବାପା ପା ଖଣ୍ଡ ଗାଁ ଗଲେଣି ଖେଦି
କାଳୀଗାଈକୁ ଖୋଜି
ପାଉନାହାନ୍ତି କେହି ଗାଈର ଟେର୍
ଫୋନ୍ କଲ ମୁଁ ପାଇଲି ଆଜି ।
ମୋ ସାନ ପୁତୁରା ବାବୁନି
ଖିର ଖାଉନି ଆଉ
ଯିବ ସେ ଝଡି
କାଳୀଗାଈ ଖିର ପାଇଁକି
ଆମ ଘର ଆଗରେ
ଗାଁ ବାଲାଙ୍କର
ଆଉ ଲାଗୁନି ଧାଡି ।

ମନରେ ଆସୁଛି ପାପ
କାଲେ କଂସେଇ କାଳୀକି
କଲାକି ଚୋରୀ ?
ଗୋରୁ ମାଂସ ପାଇଁକି
ମାତିଛନ୍ତି ଆମ ଗାଁରେ
ଏବେ ଚୋରା ବେପାରୀ ।

ଗ୍ରାମ ଦେବତୀ ମା' ଠାକୁରାଣୀ
ବାଘୁଣୀ ଦେବୀଙ୍କୁ କରୁଛି ଅଳି
ଏଠି ମା' ମାରେ ମୁଣ୍ଡିଆ
ସତେକି ପାଇବି ଫୋନ ବୋଉଠୁ
କାଳୀ ଆସି ଆମ ଘର ଆଗେ
ହୋଇଛି ଠିଆ ।



# କଲ୍ୟାଣୀ

ସ୍ରଷ୍ଟାର ସୃଷ୍ଟି
ପ୍ରକୃତିର ଗତି
କେହି ପାରିଛି କି ରୋକି ?
ମା ଗର୍ଭ ଭ୍ରୂଣ
ପୁତ୍ର ହେଉ ବା କନ୍ୟା
ଅମୃତ ସନ୍ତାନ
ନେବାକୁ ହୁଏ ଜନ୍ମ
ସ୍ରଷ୍ଟାର ଶୁଦ୍ଧ ବିଚାର
ନିର୍ଦ୍ଦେଶନାମା ପ୍ରକୃତିର ।

ପୃଥିବୀ କୋଳାହଳ
ଜନ ସଂଖ୍ୟା ଅସମ୍ଭାଳ
ଅସୁର ଦାନବ ମାଳମାଳ
ଦିବସ ଯାମିନୀ ଏକାକାର
ଏ ସମାଜ ପୁରୁଷ ପ୍ରାଧାନ୍ୟ
ନାରୀ ଜାତିର ଜୀବନ ବିପନ୍ନ
କନ୍ୟାଙ୍କର ଇଜ୍ଜତ ଲୁଣ୍ଠନ
ଯୌତୁକ ରାକ୍ଷସ
କରେ ଅଟ୍ଟହାସ୍ୟ
କନ୍ୟାର ଜୀବନ
ପରିପୂର୍ଣ୍ଣ ଭୟତ୍ରାସ
ସଞ୍ଜ ସକାଳ ରାତ୍ରଦିନ
ନାରୀ ଅସହାୟ ଅକି ନ
ଭୀତପ୍ରଦ ଜୀବନ ତା' ଉଚ୍ଛନ୍ନ

ରକ୍ଷକ ସାଜିଛି ଭକ୍ଷକ
ଦାନବ ସାଥିରେ ସଂପର୍କ
ରକ୍ଷକ ପାରେ ନାହିଁ ଚିହ୍ନି
କନ୍ୟା ନୁହେଁ ସେ କଲ୍ୟାଣୀ
ନାରୀ ସେ ସମାଜ ହିତାର୍ଥିନୀ
ଅସହାୟ ତା କାହାଣୀ
ମରି ଯାଉଛି ସ୍ୱପ୍ନ
ହଜି ଯାଉଛି ସୁଖ
ସୁରକ୍ଷା ଦିଏନା ରକ୍ଷକ
ନାରୀ ଅସ୍ମିତାର ମୃତ୍ୟୁ
ସମାଜରେ ନାହିଁ ତା ଅସ୍ତିତ୍ୱ ।

ନିଃସହାୟ ନାରୀ
ଭୃଣଧାରୀ ଗର୍ଭବତୀ
କନ୍ୟା ଭୃଣ ତା ଗର୍ଭରେ
ଅସୁରକ୍ଷିତ ଭିବଷ୍ୟତ
ସଂଶୟକୁଳ ମାତୃତ୍ୱ
ଭବିଷ୍ୟ କନ୍ୟାର ଦାୟିତ୍ୱ ।

ଯୌବନ ଯୌତୁକ
ଅସୁରକ୍ଷା ଅଶିକ୍ଷା
ସାମାଜିକ ଅସମାନତା
ଆସନ୍ନ ପ୍ରସବା ମା'ର ସମସ୍ୟା
କଲ୍ୟାଣୀର ମୂଳ ଉତ୍ପାଟନ
ସମାଜର କଲ୍ୟାଣ ସାଧନ
ଗର୍ଭପାତ ପ୍ରସବ ପୂର୍ବରୁ
ସକଳ ସମସ୍ୟାର ସମାଧାନ
ନୁହେଁ ଏହା କନ୍ୟା ଭୃଣ ହତ୍ୟା
ସମାଜରେ ପୁରୁଷର ପୂର୍ଣ୍ଣ ସ୍ୱାଧିନତା
ସ୍ୱାଧୀନତା ନୁହେଁ ପୁରୁଷର
ବଂର ତା ମନର କୁଣ୍ଠିତ ବର୍ବରତା ।

# ହିତୈଷିଣୀ

ନାରୀ ମୁଁ ହିତୈଷିଣୀ
ସ୍ତ୍ରୀ ମୁଁ ସୁହାଗିନୀ
ମୁଁ ପତିବ୍ରତା ଅନୁରକ୍ତା
ସ୍ୱାମୀ ମୋର ସୁଦର୍ଶନ ସୁଠାମ ପୁରୁଷ
ଭାରି ଅବୁଝା କୋପାବିଷ୍ଟ ଅଯଥା ।

ସବୁ ପୁରୁଷ ନୁହନ୍ତି ସମାନ
ସବୁ ସ୍ତ୍ରୀ ମଧ୍ୟ ନୁହନ୍ତି ଅଭିନ୍ନ
ଅବୁଝା ପୁରୁଷର ଅହଂ
ଲାଗେ ବୋଝ ପରି
ସ୍ତ୍ରୀ ର ସ୍ୱାଭିମାନ ପଡିଯାଏ ବଳି ।
ନାରୀ ମୁଁ ସର୍ବଂସହା
ଅର୍ଦ୍ଧାଙ୍ଗିନୀ ମୋ ସ୍ୱାମୀର
ଶକ୍ତି ମୁଁ କରିପାରେ ନିୟନ୍ତ୍ରଣ
ମୋର ସ୍ୱାମୀ ପ୍ରକୃତିର ।

ସ୍ୱାମୀ ସେ ପୁରୁଷ ପ୍ରବର
ମୁଁ ନାରୀଶକ୍ତି ପ୍ରଚଣ୍ଡ ପ୍ରଖର
ନାରୀ ମୁଁ ଧାତ୍ରୀ
ସହଯାତ୍ରୀ ମୋ ସ୍ୱାମୀର
ସହକର୍ମୀ ଆମ ଯୁଗଳ ଜୀବନର ।

ମୁଁ ଗୃହଲକ୍ଷ୍ମୀ ମୋ ଗୃହର
ସ୍ୱାମୀ ମୋର ସର୍ବମୟ କ ର୍ା।
ଆମ ଦାମ୍ପତ୍ୟ ଜୀବନର
ମୁଁ ଶୁଶ୍ରୂଷାକାରୀଣୀ
ମୋ ସ୍ୱାମୀର
ସ୍ପର୍ଶ ମୋ ସଞ୍ଜିବନୀ
ତାଙ୍କ ଆଘାତ ତନୁର
ମୁଁ ସନ୍ତାପହାରିଣୀ
ତାଙ୍କ ଆହତ ମନର ।

ସ୍ୱାମୀଙ୍କର ସ୍ୱାର୍ଥପାଇଁ
ତ୍ୟାଗ ମୋର ଜୀବନର ଧର୍ମ
ସ୍ୱାମୀଙ୍କର ଅନନ୍ତ ମଙ୍ଗଳ କାମନା
ମୋ ଜୀବନର ମହତ୍‌କର୍ମ
ସ୍ୱାମୀ ମୋର ପୁରୁଷ ପତିପରମ
ତାଙ୍କଲାଗି ଉତ୍ସର୍ଗୀକୃତ
ଏଇ ମୋ ଜୀବନ।

ତ୍ୟାଗପୂତ ଉତ୍ସର୍ଗୀକୃତ
ସ୍ତ୍ରୀର ଜନମ
ପରିବାର ସ୍ୱାର୍ଥପାଇଁ ଅଶେଷ କଲ୍ୟାଣ
ସମାଜମଙ୍ଗଳ ଲାଗି ନାରୀ
ବିଭୁଙ୍କର ଶ୍ରେଷ୍ଠ ବରଦାନ
କାଳେ କାଳେ ସାର୍ଥକ ହୁଅଇ
ତା'ର ନାରୀର ଜନମ ।

❖❖❖

# କବିତାର ଦାହ

କବିତା
ଏକ ସରଳ ମନର ଅଭିବ୍ୟକ୍ତି
ଶବ୍ଦ ସଂଯୋଜନାର କଳା
କବିର ଆକାଙ୍‌କ୍ଷିତ କଳାକୃତି
ଭାବ ବିହ୍ୱଳ ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି ।

କବିତା ପଠନ
ପାଠକ ମନୋରଞ୍ଜନ ମାଧ୍ୟମ
ସମୟ ବିତାଇବାର କାରଣ
ସଉକିଆ ମନର ସଉକ
ରଙ୍ଗିନ ମିଜାଜିଆ ବ୍ୟକ୍ତିର ପୁଲକ
ପଠନେ ପାଠକ ହୁଅଇ ଭାବୁକ
ବୌଦ୍ଧିକ ଚିନ୍ତା ତା'ର ହୁଅଇ ଉଦ୍ରେକ ।


କବିତା ଲିଖନ
ଏକ ଅସାଧ୍ୟ ସାଧନ
ଏକ ଦୂରୁହ ବ୍ୟାପାର
ପ୍ରଚେଷ୍ଟା ବଡ଼ କଷ୍ଟକର
କବିତା ଲିଖନେ ଆନନ୍ଦ
କବି ସଫଳତାର ପ୍ରଥମ ପସନ୍ଦ
କବିତା ଲେଖିବା ନୁହଁଇ ସହଜ
ଏହା ସ୍ୱତଃ ପ୍ରବୃ   ଅନ୍ତରର ଆବାଜ

ଅନ୍ତରାତ୍ମା ନିର୍ଦ୍ଦେଶିତ କବିର ମିଜାଜ
କବିପକ୍ଷେ ଚୁପରହିବା ହୁଏନି ସମ୍ଭବ
ସ୍ୱତଃ ମନମଧ୍ୟେ ପଂକ୍ତିମାନଙ୍କର
ହୁଅଇ ଉଦ୍ଭବ
ପ୍ରେରଣା ଜଗାଏ ମନରେ
ସୃଷ୍ଟିହୁଏ ଲେଖିବାର ଭାବ ।

ଅନ୍ତରାତ୍ମା ନିର୍ଦ୍ଦେଶ ଅସାମାନ୍ୟ
ଅବହେଳା ବଶତଃ କରିଲେ ଅମାନ୍ୟ
ଅନ୍ତରାତ୍ମା ପାଏ କଷ୍ଟ କରଇ ରୋଦନ
ସୁନିଦ୍ରା ହୁଅଇ ବ୍ୟାଘାତ
ଉପଲବ୍ଧ ହୁଏ ମାନସିକ ଶାରିରୀକ କଷ୍ଟ ।

କବିତା ଲେଖିବା
ହୁଏ କ୍ରମେ ଅଭ୍ୟାସରେ ପରିଣତ
ଅଭ୍ୟାସରୁ ପ୍ରବୃ ି ହୁଅଇ ଜାଗ୍ରତ
ପ୍ରବୃ ିରୁ କ୍ଷୁଧା ହୁଅଇ ପ୍ରବଳ
କ୍ଷୁଧା ହୋଇଲେ ଅଶାନ୍ତ
ଶରୀରେ ଜଳଇ ଅନଳ
ସେ ଅନଳୁ ହୁଏ ସୃଷ୍ଟି
କବିତାର ଦାହ
କବିପାଇଁ ସେ ଦାହ ଅଟଇ ଅସହ୍ୟ
କରେ ଅସ୍ତବ୍ୟସ୍ତ କବି ହୁଅଇ ଅଥୟ
ଦାହ ହୁଅଇ ଦମନ
କବି ଧରିଲେ କଲମ
ଦାହ ପ୍ରଶମନ ପାଇଁ
ଏହା ଅସଲି ମଲମ ।

କବିତା ପଠନେ
କବିତା ଲିଖନେ
କବିତା ଶ୍ରବଣେ
ଚି   ହୁଏ ପ୍ରଫୁଲ୍ଲିତ
ଶରୀର ହୁଏ ଉଲ୍ଲସିତ
ବାର୍ଦ୍ଧକ୍ୟରେ ତାରୁଣ୍ୟର ହୁଅଇ ପ୍ରକାଶ
ଶାରିରୀକ ଯାତନାର ହୁଅଇ ବିନାଶ
ଦୈବୀଶକ୍ତିର ହୁଏ ଅଭ୍ୟୁଦୟ
ଦେବତ୍ୱର ହୁଅଇ ଉଦୟ
କବିତା ହିଁ ଅନ୍ତରାତ୍ମାର ସ୍ୱର
ଜଟିଳ କୁଟିଳ ମନ ହୁଏ ସରଳ ସୁନ୍ଦର
ମାନବ ଜଗତ ପାଇଁ କବିତା ଶ୍ରେଷ୍ଠ ଉପହାର ।



# ତାରୁଣ୍ୟ

ବାର୍ଦ୍ଧକ୍ୟ ଛୁଇଁଛି ମୋତେ
କହନ୍ତି ଏବେ ସମସ୍ତେ
ମୋର କାହିଁ ହୁଏନା ପରତେ
ଜରାଗ୍ରସ୍ତ ନୁହେଁ ମୁହିଁ
ଯାତନା ମୋ କିଛି ନାହିଁ
କହନ୍ତି ଯଦିଓ ଜରାଗ୍ରସ୍ତ ଶରୀର
କଷ୍ଟ ଯାତନାରେ ଭରପୁର ।

ଜନ୍ମମାତ୍ରେ ମଣିଷଟି
ହୁଅଇ କାଳର ଅଧିନ
ପଳ ପଳ କରି କାଳ
ଚାଟୁଥାଏ ତା’ ଜୀବନ
ମଣିଷ ସିଏ ଆତ୍ମା
ପରମାତ୍ମା ର ଅଂଶ
କାଳ ମଧ ପରମାତ୍ମାର
ଭୃତ୍ୟ ଦାସାନୁଦାସ
ମାନବ ଓ କାଳ
ଏ ସଂସାରେ ଦୁଇସାଥୀ
ସ୍ରଷ୍ଟାର ନିର୍ଦ୍ଦେଶେ
ତାଙ୍କ ଅବସ୍ଥିତି ।
ମଣିଷ ଲଗାମ ଧରି
କାଳର ଛାଟରେ
ସ୍ରଷ୍ଟା ଏଠି ମଣିଷକୁ
କଷୁଥାଏ କଷଟି ପଥରେ

ଶୈଶବ କୈଶୋର
ଯୌବନ ଓ ପ୍ରୌଢ଼ତ୍ୱ ପରେ
ବାର୍ଦ୍ଧକ୍ୟ କୁ ଆଣି ସ୍ରଷ୍ଟା
ଟଣାଏ କାଳର ହାତରେ ।

ସ୍ରଷ୍ଟା ସିଏ କାଳ ସିଏ ମହାକାଳ
ଜନ୍ମଦାତା ମୃତ୍ୟୁଦାତା ପୁଣି
ସର୍ବଜ୍ଞାତା ସିଏ ପରମାତ୍ମା
ଧରିଥାଏ ଜୀବନର ମୁଣି ।

ଅଭିଜ୍ଞ ମଣିଷ ଅନୁଭବୀ
ଜୀବନର ଶେଷ ଅଧ୍ୟାୟରେ
ଅନୁଭବ ଦ୍ୱାହି ଦେଇ
ସୁସ୍ଥ ରହିବାକୁ ଯଦି ଚେଷ୍ଟା କରେ
ପାରିବ ରହିବ ସୁସ୍ଥ
ପାଇବ ତାରୁଣ୍ୟର ମଜା
ବୃଦ୍ଧ ଅବସ୍ଥାରେ ।

ଜନ୍ମମାତ୍ରେ ମୃତ୍ୟୁ ସୁନିଶ୍ଚିତ
ଏ ଭବ ସାଗରେ
ଯନ୍ତ୍ରଣା ବିନା ମୃତ୍ୟୁ କେବଳ ସମ୍ଭବ
ପରମାତ୍ମା ସ୍ମରଣରେ
ଏକ ମନେ ଏକ ସ୍ୱରେ
ଜପ ନାମ ଜପ ମନ୍ତ୍ର
ଶରଣାଗତ ହୁଅ
ବିଭୁଙ୍କ ପୟରେ
ତରୁଣ ସମ ରୁହ ସୁସ୍ଥ/ତାରୁଣ୍ୟର ନିଅ ମଜା
ସ୍ୱୟଂ ଜୀବନ କାଳରେ ।

# ଅହଲ୍ୟା

ଅହଲ୍ୟା କି କଲା ଦୋଷ
ଗୌତମ ହେଲ ଏତେ ରୋଷ
ତୁମେ ପରା ସତ୍ୟସନ୍ଧ ଋଷି ପ୍ରତିମ
ଅହଲ୍ୟାର ପତି ପ୍ରିୟତମ
ଅହଲ୍ୟା ନୁହେଁ କି ତମ
ପ୍ରିୟତମା ପତ୍ନୀ ସୁହାଗିନୀ
ନୁହେଁ କି ସତୀ ଶିରୋମଣୀ
ତୁମର ସେ ଅର୍ଦ୍ଧାଙ୍ଗିନୀ ?
କାହିଁତାକୁ ଦେଲ ଅଭିଶାପ
ବିନା ଦୋଷେ ହେଲା ସେ ପାଷଣ
ତୁମ ଅଭିଶାପ ବଳେ
କଥା ରହିଗଲା ମହୀତଳେ
ଭାବିଛ କି ଥରେ
ସତୀ ସାଧ୍ୱୀ ପତିବ୍ରତା ସ୍ତ୍ରୀ
ବ୍ୟଭିଚାରିଣୀ କେବେ ହୋଇପାରେ ?

ଇନ୍ଦ୍ରାସନେ ବସି ଇନ୍ଦ୍ର
ଏକି ତୁମେ କଲ
ପାପପୁଣ୍ୟ ସବୁ ଭୁଲିଗଲ ?
ଦେବଲୋକେ
ଐଶ୍ୱର୍ଯ୍ୟ ପଦମର୍ଯ୍ୟାଦାର ଅଧିକାରୀ
ସାଜି ଲମ୍ପଟ ପାପାଚାରୀ
ମର୍ତ୍ତ୍ୟ ଆସି ମାୟାବଳେ
ଋଷି ଗୌତମଙ୍କ ରୂପଧରି
ଅହଲ୍ୟାଙ୍କୁ କାହିଁ ବଳାତ୍କାର କଲ ?

ସ୍ୱର୍ଗଲୋକେ କି ନଥିଲେ ରୂପସୀ
ରମ୍ଭା, ମେନକା, ଉର୍ବଶୀ
ଇନ୍ଦ୍ରପଦ ମର୍ଯ୍ୟାଦାର କି ରଖିଲ ମାନ
ଦେବତାଙ୍କ ଦଳପତି ଏକି ଅପମାନ
ଗୌତମଙ୍କ ଅଭିଶାପ
ତୁମପାଇଁ ଅତି ହିଁ ସାମାନ୍ୟ
ଅଭିଶାପ ମୃତ୍ୟୁ ତୁମପାଇଁ
ହୋଇଥାନ୍ତା ସଠିକ ଦଣ୍ଡବିଧାନ ।

ଅହଲ୍ୟା ସେ
ନୁହେଁ ବିଚାରୀ ନୁହେଁ ଅବଳା
ସୁହାସିନୀ ସତୀ ଧର୍ଯ୍ୟଶୀଳା
ରୂପସୀ ହେବାର କି ଭୁଲ ତା'ର ଥିଲା
ଛଦ୍ମବେଶୀ ଇନ୍ଦ୍ରର ବଳାତ୍କାରେ
କି ଦୋଷ ତା'ର ଥିଲା ?
ଇନ୍ଦ୍ରର କପଟତା ତା'ପାଇଁ କାଳହେଲା
କୋପେ ଗୌତମ ଅନ୍ଧ ହେଲେ
ପବିତ୍ରା ପତିବ୍ରତା ପତ୍ନୀକୁ
ଯାହା ବୁଝି ନ ପାରିଲେ ।

କାଳେ କାଳେ ନାରୀ
ସର୍ବସଂହା ହେଲା ପ୍ରମାଣିତ
ମଥା ନୋଇଁ ଅହଲ୍ୟା
ମାନିନେଲା ଅଭିଶାପ
ସୁଦୀର୍ଘ ତପସ୍ୟା ବଳେ
ଶ୍ରୀରାମଙ୍କ ପଦସ୍ପର୍ଶେ
ଅହଲ୍ୟା ପାଷାଣୁ ହୋଇଲା ଉଦ୍ଧାର
ନାରୀ ଧର୍ଯ୍ୟ ଆଗେ ବଳି ପଡିଗଲା
ଅହଂ ପୁରୁଷର ।
ପତିବ୍ରତା ନାରୀ ସର୍ବଶକ୍ତିମୟୀ
ହୋଇଲା ସିଦ୍ଧ
ପ ସତୀ ମଧ୍ୟେ ଅହଲ୍ୟା
ହୋଇଲେ ପ୍ରସିଦ୍ଧ ।

# ତୃଷା

ତୁମ ଚେହେରା
ଆମ ଗାଁ ଦଣ୍ଡା ପାଖେ ଥିବା
ନଣ୍ଡା ଖଜୁରୀ ଗଛ ଆଉ
ତା' ଅଗରେ ବନ୍ଧା ଥିବା
ଖଜୁରୀ ରସର ହାଣ୍ଡି
ଠିକ୍ ତୁମ ଥୋବଡା ପରି ଦିଶେ
ମୁଁ ମନେ ମନେ ପରା ହସେ ।

ତୁମ ଚହାଣୀ
ଅନ୍ଧାର ରାତିରେ
କାଳି ବିରାଡି ଆଖିରେ
ଜିକ୍ ଜିକ୍ ଆଲୁଅର
ତିର୍ଯ୍ୟକ ଶିଖା
କେମିତି ଲାଗୁଥିବ କୁହ ?
ମୋ ଛାତିରେ ପଶେ ଛନକା
ମନେ ଆସେ ମୋର ଦକା ।

ତମ ହସ
ଆଖୁରସ ଚିପୁଡା
ମେସିନର ଘଡଘଡ ଶବ୍ଦ ସଙ୍ଗେ
ବାହାରୁଥିବା ରସର ଫେଣ
ପୁରା ପାଣିଚିଆ
ଲାଗେ ନାହିଁ ମିଠା
ଛଳନା ପୂର୍ଣ୍ଣ ହସର ଏକ
ଉତ୍କଣ୍ଠା ବିହୀନ କ୍ଷଣ
ନଥାଏ ଆତ୍ମୀୟତା ।

ତୁମ କଥା
କେଉଁ ଏକ ମ୍ୟୁନିସିପାଲିଟି
ଭଡାରେ ଆଣିଥିବା
ବୁଲଡୋଜର ର
ଜବରଦସ୍ତ ଭଙ୍ଗା ଭଙ୍ଗିର ଶବ୍ଦ
ନଥାଏ ଆବେଗ
ନଥାଏ ସ୍ନେହବୋଳା କଥା
ଲାଗେ ଭାରି ଶସ୍ତା ।
ତୁମ ସ୍ପର୍ଶ
ଗ୍ରୀଷ୍ମ ଝାଞ୍ଜିର
ଦଲକାଏ ପବନ
ନଥାଏ ଶୀତଳତା
କେବଳ ଉତ୍ପୀଡନର ବା ର୍ତ୍ତା
ସ୍ପର୍ଶ ଠାରୁ ବରଂ ଭଲ
ତୁମ ଠାରୁ ରଖିବା ଦୂରତା ।

ଦୟାକରି
ଦୌଡ ନାହିଁ
ଆଉ ମୋ' ପଛେ
ଭଲପାଏ ରହିବାକୁ ଏକା
ମୁଁ ତା ମରିଚିକା
ତୃଷା ର୍ତ୍ତ ତମେ
ମେ ିବନି ତୁମ ତୃଷା
ତୁଚ୍ଛାଟାରେ ହେବ ଲୋକ ହସା ।

❖❖❖

# ପ୍ରେୟସୀ ସ୍ମରଣେ

ପ୍ରୌଢ଼ତ୍ୱର ଅପରାହ୍ନେ
ଧୂସର ଆକାଶକୁ ଚହିଁ
ଭାବୁଛି ମୁଁ ଏବେ
ତୁମ ସାଥେ ଏ ବୟସେ
ଯଦି ଦେଖା ହୁଏ କେବେ
ମୋ ଆଗକୁ ଆସିବାକୁ
ଇଚ୍ଛା କରିବନି ସେବେ ।
ମୋ ଚାରିପାଖେ ପୃଥିବୀଟା
ସିନା ଯାଇଛି ବଦଳି
ସମୟଟା ଗଡ଼ିଗଡ଼ି ହୋଇପାରେ ବୁଢ଼ୀ
ତମେ କିନ୍ତୁ ଥିବ ପୂର୍ବପରି
ତୁମ ରୂପରେ ଲାଗିଲେ ଆଞ୍ଚ
ମୁଁ ସହିବି କିପରି ?

ଏବେ ମୁଁ ଦେଖୁଛି
ମୋ ସ୍ମୃତି ଚଷମାରେ
ତୁମ ଅପୂର୍ବ ରୂପ ମାଧୁରୀ
ଷୋଡ଼ଶୀ ତରୁଣୀ ତୁମେ
ଲାବଣ୍ୟବତୀ ସୁନ୍ଦରୀ
ଯୌବନ ଜୁଆର ଭାଙ୍ଗୁଥିବ
ତୁମ ରୂପର ଊର୍ମି ଧରି
ରୂପସୀ !
ତୁମ ରୂପର ଧାସରେ
ମୁଁ ଯାଉଥିଲି ପରା ଜଳି ।

ଆଶ୍ୱିନ ଜୋଛନାସମ
ମାଧୁର୍ଯ୍ୟ ଭରା ତୁମ ମୁଖଶିରୀ
ଉଦ୍‌ଭାସିତ ହୁଏ ଯେବେ
ଏବେ ବି ମୋ ହୃଦୟତନ୍ତ୍ରୀ
ଯାଏ ଶିହରୀ
ତୁମ ଅଙ୍ଗ ସୌରଭେ
ମୁଁ ହେଉଥିଲି ସଦା ଉନ୍ମନ
ରୂପର ପୀୟୁଷ କଲାବେଳେ ପାନ
ଥିଲା ମଦିରା ମୋ ପାଇଁ ନିଊନ
ତୁମ ମୁକୁଳା ଚିକୁର
ମହକୁ ଥିଲା ହେନାର ବାସ୍ନା ନେଇ
ବେଳେ ତୁମ ମୁଖ ଚନ୍ଦ୍ରମାକୁ
ଢ଼ାଙ୍କି ଦେଉଥିଲା
ବାଦଲର ରୂପନେଇ
ବାଦଲ ଭିତରେ ସେଇ ଚନ୍ଦ୍ରମା
ଯାଉଥିଲା ଯେବେ ଲୁଚି
ଆତୁର ମନରେ ସେତେ ସେତେ
ତୁମ ପାଖକୁ ମୁଁ
ଯାଉଥିଲି ପରା ଘୁ ି ।

ତୁମ କୋକିଳ କଣ୍ଠେ
ସ୍ନେହବୋଳା ଗପ
କରୁଥିଲା ମୋତେ ଦୁର୍ବଳ
ପାଇବାକୁ ସଦା ତୁମ ସାନ୍ନିଧ
ମୁଁ ହେଉଥିଲି ପୂରା ପାଗଳ
ପାଗଳପଣ ଏବେବି ଅଛି
ମୋ ଠାରେ ଏ ବୟସେ

ତୁମେ ଦେଖନ୍ତ ଯଦି
ପାରନ୍ତ ଜାଣି
ସମ୍ଭବ ଏହା ହେବନି କେବେ
ତୁମେ ଯେ ଅନ୍ୟ ରାଜାର ରାଣୀ
ଦେଖୁଛି ସଖି, ତୁମ ସମବୟସୀ
ହେଲେଣି ଶ୍ଳଥଚର୍ମା, ପକ୍ୱକେଶୀ
ଶୁଷ୍କଓଠି ପଳିତ କପାଳୀ
ବିଶ୍ୱାସ ମୁଁ ପାରୁନି କରି
ସତେକି ତୁମେ ହୋଇଥିବ
ତାଙ୍କ ଭଳି ?
ତୁମର ଏହି ରୂପକୁ ଏବେ
ପାରିବି ନାହିଁ ସହି
ଦେଖି ମୁଁ କେବେ
ସେପରି ଥାଅ ପ୍ରେୟସୀ ଗୋ
ଯେପରି ଥିଲ ସେବେ
ମୋର ଶ୍ରେୟସୀ ରୂପସୀ ହୋଇ
ପ୍ରତିକ୍ଷଣେ ପ୍ରେୟସୀ ସ୍ମରଣେ
ଆତ୍ମହରା ହେଉଥାଏ ମୁହିଁ ।



# ଦାମିନୀ

ପୁଷ୍ପେଷୁ ମଲ୍ଲୀ
ନଗରେଷୁ ଦିଲ୍ଲୀ
ମଲ୍ଲୀର ମହକ ଗଲାଣି ଉଡ଼ି
ଦିଲ୍ଲୀର ଚହକ ନାହିଁ ସେପରି
ସମୟର ସାଥେ ସାଥେ
ମଲ୍ଲୀ ଏବେ ଯାଉଛି ମଉଳି
ଦିଲ୍ଲୀ ପୁରା ପୁରି ଯାଇଛି ବଦଳି ।

ନେତା ଏଠି ଶ୍ରୋତା ଏଠି
ଏଠି MLA ଏଠି MP
ଏଠି ମନ୍ତ୍ରୀ ପ୍ରଧାନ ମନ୍ତ୍ରୀ
ଅଛନ୍ତି ପୁଣି ରାଷ୍ଟ୍ରପତି
ବଡ଼ ବଡ଼ିଆ ସବୁ ଏକାଠି ।
ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ
ରାଜଧାନୀ ଭାରତର ଅସ୍ତବ୍ୟସ୍ତ
ଶାନ୍ତି ଶୃଙ୍ଖଳା ହୋଇଛି ଫେରୀ
ରାଜଧାନୀରେ ସୁରକ୍ଷିତ ନୁହନ୍ତି ନାରୀ ।

ମୁଣ୍ଡଟେକି ମହିଳା ଏଠି ପାରନ୍ତିନି ଚାଲି
ଝିଅଙ୍କ ଜୀବନ ନିଇତି ପଡୁଛି ବଳି
ଝିଅଟିଏ ସେ ନାଁ ଦାମିନୀ ତା'ର
ଶୋହଳ ଡ଼ିସେମ୍ବର ଦୁଇହଜାର ବାର
ସଞ୍ଜବେଳାରେ ଚଳନ୍ତି ବସରେ

ଛଅ ବଳାତ୍କାରୀଙ୍କର ସେ ହେଲା ଶୀକାର
ପଡ଼ିଗଲା ସାରା ଦେଶରେ ହାହାକାର
ରେଡିଓ ଟିଭି ସମ୍ବାଦପତ୍ର
ଘ । ଘ । ଧରି କଲେ ପ୍ରଚାର
ଅାମାନବୀୟ ନାରକୀୟ ବର୍ବୋରଚିତ ଘଟଣାର ।

ସଡ଼କରୁ ସଂସଦ ସବୁଠି ହୁରୀ
ଦିଲ୍ଲୀରେ ମାତିଛନ୍ତି ବଳାତ୍କାରୀ
ଇଣ୍ଡିଆଗେଟ୍ ଜନ୍ତର ମନ୍ତର
ରାମଲୀଳା ମଇଦାନରେ ହୋଇଲେ ଠୁଳ
ପିଲାଠାରୁ ବୁଢ଼ା ଯୁବକ ଯୁବତୀ
ବଳାତ୍କାର ପ୍ରତିବାଦରେ ଦେଲେ ହୁଙ୍କାର
ଦେଶସାର ପ୍ରତିବାଦ ସ୍ୱରରେ ମୁଖରିତ
ଆକ୍ରୋଶ ଅଗ୍ନିର ସ୍ଫୁଲିଙ୍ଗ ହେଲା ପ୍ରଜ୍ୱଳିତ ।

ଶାସନ ଏଠି ଅନ୍ଧ
ସଂସଦ ଏଠି ବନ୍ଦ
ଜନତା ଏଠି ସ୍ତବ୍ଧ
ନେତା ଏଠି କ୍ଲୀବ
ଜନ ଆକ୍ରୋଶକୁ ଅବା କିଏ ବୁଝିବ ?
ସଂସଦରେ କ୍ଷୀଣ
ସାଂସଦଙ୍କ ପ୍ରତିବାଦର ସ୍ୱର
ହେଲା ଘଟଣାର ତର୍କ ବିତର୍କ ବିଚାର
ଗୃହମନ୍ତ୍ରୀ ପ୍ରଧାନ ମନ୍ତ୍ରୀଙ୍କର
ଶୁଭିଲା କେବଳ ଆଶ୍ୱାସନାର ସ୍ୱର
ନଥିଲା ପ୍ରତିକାର ଦୃଢ଼ ପ୍ରତିଜ୍ଞାର
ସଂଶୋଧନ କରିବାକୁ ବଳାତ୍କାରୀ ଆଇନ୍‌ର ।

ଦାମିନୀ ଅବସ୍ଥା
ସଂକଟାପନ୍ନ ବଡ଼ ଅସମ୍ଭାଳ
ମୃତ୍ୟୁ ସହ କରୁଛି ସଂଗ୍ରାମ
ବ ୍ବାକୁ ଆଗ୍ରହ ପ୍ରବଳ
ସ୍ୱୟଂ ସେ କରିବ ସଂହାର
ବଳାତ୍କାରୀ ମାନଙ୍କର ।

ଶତଚେଷ୍ଟା ସତ୍ତ୍ୱେ
ଦେଶ ବିଦେଶ ଡାକ୍ତର ମାନଙ୍କର
ଦାମିନୀ ର ଆତ୍ମା କଲା ଡାକୁ ପର
ଅଠେଇଶ ତାରିଖ
ଡ଼ିସେମ୍ବର ଦୁଇ ହଜାର ବାର
ଦାମିନୀର ଅତୃପ୍ତ ଆତ୍ମା
କରୁଥିଲା ଚିତ୍କାର
ତା' ବଳିଦାନେ ସମସ୍ତ ଦାମିନୀଙ୍କୁ
ମିଳୁ ତାଙ୍କ ସମ୍ମାନରେ
ବ ୍ବାର ଅଧିକାର
ମୃତ୍ୟୁ ଦଣ୍ଡରେ ହୁଅନ୍ତୁ ଦଣ୍ଡିତ
ଏବେଠାରୁ ସମସ୍ତ ବଳାତ୍କାରୀ
ଦାମିନୀ ପ୍ରତି ଏହା ହେବ
ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

# ରହସ୍ୟମୟୀ

ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି
ନାରୀ ଓ ପୁରୁଷ
ନାରୀଟିଏ କୋମଳାଙ୍ଗୀ ଅବଳା ଦୁର୍ବଳା
ଅସହାୟା ପୁଣି
ହେଲେବି ଗୁଣବତୀ ଅଶେଷ
ପୁରୁଷ ସେ ବଳୀୟାନ ଅଦମନୀୟ
ଉଗ୍ର ଉଦଣ୍ଡ ବିଶେଷ ।

ନାରୀ କିନ୍ତୁ ନୁହଁଇ ଅବଳା
ହିତୈଷିଣୀ ସେ
ପୁଣି ମହିୟସୀ କାଳେ କାଳେ ପ୍ରମାଣିତ
ନାରୀ ଆକଳନେ ବରଂ
ଏ ସମାଜ ହୋଇଥାଏ ବ୍ୟର୍ଥ
ପୁରୁଷକୁ ପ୍ରଣୟ ଦାନେ
ନାରୀର ମହିମା ହୁଏ ହୁଏ ପ୍ରକଟିତ
ନାରୀର ମହିମା ଆଗେ
ପୁରୁଷର ଗର୍ବ ନତଶୀର ମନ୍ତ୍ରଶାନ୍ତ
ଭୂଜଙ୍ଗ ସମ ହୁଏ ଭୂଲୁଣ୍ଠିତ ।

ପୁରୁଷର ଉଦ୍ଦାମ ବାସନା
ନାରୀର କଟାକ୍ଷେ
ସଦାଶାନ୍ତ ସଙ୍କୁଚିତ
ନାରୀର କୋମଳ ସ୍ପର୍ଶେ
ପ୍ରସୁପ୍ତ ପୁରୁଷର ଆତ୍ମା ବହିଯାଏ
ସ୍ୱଚ୍ଛ ଗଙ୍ଗାଜଳ ସଦୃଶ ।

ନାରୀର ପ୍ରୀତି କବଚେ ପୁରୁଷ
ପାଲଟିଯାଏ ଅଦମ୍ୟ ସାହସୀ ଯୋଦ୍ଧା
ଜଗତ ରଣାଙ୍ଗନେ ହୁଏ ସେ ବିଜିତ
ନାରୀର ସ୍ନେହ ଅନୁରାଗେ
ଦୁର୍ଦ୍ଦଶ ଦୁର୍ଦ୍ଦାନ୍ତ ପୁରୁଷ ହୁଅଇ ବିବଶ
ପୁରୁଷର ଅହଂ ଅହମିକା ବଳିଷ୍ଠ ପୁରୁଷତ୍ୱ
ନାରୀର ଧୈର୍ଯ୍ୟ ଆଉ ସ୍ୱାଭାମାନ ହୁଅଇ ଦ୍ରବିତ ।

କାଳେ କାଳେ ନାରୀ ସାଜିଥାଏ
ଜନନୀ, ଧାତ୍ରୀ ଜଗତର
ସାଜିଥାଏ ଦୁର୍ଗା, କାଳୀ ସଂହାରକର୍ତ୍ତ୍ରୀ
କରିବାକୁ ମଙ୍ଗଳ ବିଶ୍ୱବ୍ରହ୍ମାଣ୍ଡର
ନାରୀ !
ତୁମେ ଲାସ୍ୟମୟୀ
ପୁଣି ରହସ୍ୟମୟୀ
କେ ପାରିବ କଳି ରହସ୍ୟ ତୁମର
ତୁମକୁ ମୋର କୋଟିକୋଟି ଜୁହାର ।

❖❖❖

# ଛେଳିଟିଏ

ଛେଳିଟିଏ
ନିରୀହ ତା’ ଚହାଣୀ
ଚରୁଥିଲା ଘାସ
ସାଥେ ଥିଲା ତା’ ଶାବକ
କଅଁଳିଆ ଛନଛନିଆ
ଡେଉଁଥିଲା କୁଦୁଥିଲା
ଚହଲୁଥିଲା ନୂଆନୂଆ
କରୁଥିଲା ଅଭ୍ୟାସ
ମାଆଠାରୁ ଶିଖୁଥିଲା
ବଞ୍ଚିବାର ସାହସ ।

କାହୁଁଥିଲା କଂସେଇ
ଆସିଲା ସେ ଧସେଇ
ସାଥେ ଥିଲା ମାଲିକ
କଥାବାର୍ତ୍ତା ସରିଥିଲା
ଦବାନବା ଛିଣ୍ଡିଗଲା
ସତର’ଶ ଟଙ୍କାରେ
ସାଙ୍ଗେ ସାଙ୍ଗେ ଲଗାଇଲା
ପଘା ମା’ ଛେଳି ବେକରେ ।
କଂସେଇଟା ନିଷ୍ଠୁର
ମା’ ପଘା ନେଇଗଲା ଟାଣି
ବକ ବକ ଚହିଁଥିଲା ଛୁଆଟା
କିଛି ପାରିଲାନି ଜାଣି ।

ମା' ଛେଳି ଛାଡୁଥିଲା
ମେଁ ମେଁ ବୋବାଳି
ଛୁଆ ଛେଳି ଖୁ ୁଥିଲା
ଗୋଟି ଗୋଟି ଘାସ
ପାରିଲାନି ସମ୍ଭାଳି
କନକନ ଚହୁଁଥିଲା
ଖୋଜୁଥିଲା ମାଆକୁ
ମାଲିକଟା ଲୋଭିଭାରି
ଚହୁଁଥିଲା ଛୁଆକୁ
ମା'ଛୁଆ ସ୍ନେହଟା
ତା'ପାଇଁ ନୁହେଁ ଏତେ ଜରୁରୀ
କଳୁଥିଲା ଛୁଆ ଦାମ୍
ବଡ଼ହେଲେ ଛୁଆକୁ କେମିତି
କରିବ ସେ ବିକିରୀ ।

ଛୁଆଟା ଏକେଲା
ଆଉ ମା' ନାହିଁ ସାହା
ଖୋଜିବ ସେ ଏକା ଏକା
ତା' ବ ୍ବାର ରାହା
ଶୁଝିବାକୁ ହେବ ତାକୁ
ଖାଉଥିବା ତା' ଦାନାର ମୂଲ
ମା' ପରି ବଡ଼ହେଇ
ତା' ମାଲିକକୁ
କରିବାକୁ ହେବ ମାଲାମାଲ ।

ପଇସାଟା ଏଠି ବଡ଼
ଲୋଭ ଯାଏ ବଢ଼ି
ମା'ଛୁଆ ମମତାଟା
ପଡ଼ିଯାଏ ବଳି
ସଂପର୍କଟା ଯାଉଥାଏ ଛିଡ଼ି ।

# ମାତ୍ର ସେତିକି ଲୋଡ଼ା

ଟଙ୍କା ଏଠି ସବୁକିଛି
ଟଙ୍କା ପାଇଁ ଜୀବନ ବ ୁଛି
ଧନ ସୂଚାଏ ଜୀବନର ସ୍ଥିତି
ଅର୍ଥଲାଗି ମାନବର ପ୍ରିତି
ସାମାଜିକ ସ୍ଥିତି ଆଉ ଷ୍ଟାଟସ୍ ପାଇଁ
ସମସ୍ତେ ଜାଗ୍ରତ
ନିଜର ଆର୍ଥିକ ଉନ୍ନତି ପାଇଁ
ଅହରହ ବ୍ୟସ୍ତ
ଧନ ଅର୍ଜ୍ଜନର ଲାଳସା
ଘାରିଛି ଲୋକଙ୍କୁ
ଚାକଚକ୍ୟ ଜୀବନ ଆକୃଷ୍ଟ
କରୁଛି ସର୍ଭିଙ୍କୁ।
ପାଶ୍ଚତ୍ୟ ଜୀବନର ଦୁର୍ଗୁଣରେ
ପ୍ରଭାବିତ ଆମେ
ସାଧାସିଧା ସରଳିଆ ମଣିଷ
ନାହାନ୍ତି ଆଉ
ଏ ଭାରତ ଭୂମେ
ଆର୍ଯ୍ୟଭୂମି ବେଦଭୂମି ଭାରତ
ଏ ସଞ୍ଜା ଗଲାଣି ବଦଳି
ବିଷୟାସକ୍ତ ହୋଇ ଆମେ
ବୈରାଗ୍ୟକୁ ଦେଲୁ ଜଳାଞ୍ଜଳି ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରିଥିବା
ସେ ସ୍ୱର୍ଗୀୟ ସୁଖ
କୃତ୍ରିମ ଆଡ଼ମ୍ବରପୂର୍ଣ୍ଣ ଜୀବନ
କରିଛି ବିମୁଖ
ଜୀବନର ସର୍ବଶ୍ରେଷ୍ଠ ବସ୍ତୁ
ଏଠି ମାଗଣାରେ ମିଳେ
ପଇସାଟିଏ ବି ହୁଏନି ଜରୁରୀ
ତାକୁ ଭୋଗ କରିବାକୁ ହେଲେ ।

ମନଖୋଲା ହସ ସୁଷମ ସରଳ ଖାଦ୍ୟ
ଆଲିଙ୍ଗନ, ସକାଳ ସୂର୍ଯ୍ୟର କିରଣ
ସମୁଦ୍ରରେ ସ୍ନାନ ସାଗର କୂଳରେ ଭ୍ରମଣ
ମୁକ୍ତ ପରିବେଶରେ ଭଗବତ୍ ଚିନ୍ତନ
ବୃକ୍ଷରାଜିର ଛାଇ ଶେଯରେ ଶୟନ
ପୁଣି ଭଲ ବହି ପଢ଼ିବାକୁ
ପୁରୁଣା ଫଟୋ ସବୁ ଦେଖିବାକୁ
ସ୍ମୃତି ରୋମନ୍ଥନ କରି ପାଇଲେ ଆନନ୍ଦ
ଦୂରହୁଏ ସମସ୍ତ ମନର ବିଷାଦ ।

ରଙ୍ଗବେରଙ୍ଗ ଫୁଲର ସୁବାସ
କଅଁଳିଆ ଛୁଆର ପାକୁଆ ହସ
ସଦ୍ୟ କଟା ଯାଇଥିବା ଘାସର ବାସ୍ନା
ଘାସ ଉପରେ ସକାଳ ଶିଶିରବିନ୍ଦୁ
ପୂର୍ଣ୍ଣମୀ ରାତ୍ରୀର ସୁଶୀତଳ ଜୋଛନା
ବିନାମୂଲ୍ୟେ ଉପଭୋଗ କରିହୁଏ
ଏଠି ଧନବିନା
ନଥାଏ ଧନର ଯାତନା ।

ଅର୍ଥ ଏଠି ଅନର୍ଥର ମୂଳ
ଅନିଶ୍ଚିତ ଏ ଜୀବନ ନାହିଁ ତା'ର ମୂଲ୍ୟ
ମରିବ ମଣିଷ ଦିନେ ସରିବ ଜୀବନ
ଛୁଇଁବେ ନାହିଁ ତାକୁ ଜ୍ଞାତି ପରିଜନ
ଆତ୍ମୀୟ ରହିବେ ଦୂରେ ବୋଲିବେ ମଡ଼ା
ଛ'ଅ ଖଣ୍ଡ କାଠ ହେବ ତା' ପାଇଁ ଲୋଡ଼ା
ମଣିଷର ଶବ ତିନିହାତ ଚଉଖଣ୍ଡେ
ଶେଷରେ ଯାଗା ମାତ୍ର ସେତିକ ଲୋଡ଼ା
ଅର୍ଜିତ ସମ୍ପତ୍ତି ହେବ ପରେ ସବୁ ଅଲୋଡ଼ା
ସବୁ ଜାଣି ମଧ୍ୟ କାହିଁ ଏତେ ଲୋଭ
ଧନ ପାଇଁ ଏ ମଣିଷର
ପୁଣି କାହିଁ ଏତେ ଧୈର୍ଯ୍ୟହରା ।



# ଅନନ୍ତା

ଅନନ୍ତା
ବିଧବା ମା'ର ସେ ଏକୋଇର ବଳା
ଖଦଡ଼ିଆ ଚେହେରା ମୁଚୁମୁଚୁ କଳା
ଛ' ଫୁଟିଆ ଭେଣ୍ଡିଆ ସିଏ
ଚୁଟି ନାହିଁ ମୁଣ୍ଡେ ନଣ୍ଡା ମୁଣ୍ଡିଆ
ପାନ ଖିଆ ପାଟି ତା'ର ନାଲିଆ
ମୁହଁ ଟାକୁ ମାନେ ନିଶ ବାଘୁଆ ।

ବାପଛେଉଣ୍ଡ ସେ ମା' କୋଳରୁ
ଅଝଟ ଅମାନିଆ ହେଲା ପିଲା ଦିନରୁ
ମା' ଅସହାୟା ଅଭାବିଚିଏ
ପାରିଲାନି କରି ପିଲାକୁ ଆକଟ
ଛୁଇଁଲାନି ଖଡ଼ି ପଢ଼ିଲାନି ପାଠ
ଚୋର ବଦମାସଙ୍କ ସାଥିରେ ପଡ଼ି
ଖଳ ପ୍ରକୃତିକୁ ନେଲା ଆଦରି
ସଭିଏଁ କହିଲେ ଅନନ୍ତ ଗଲା ବିଗିଡ଼ି
ମା' ବାପାଙ୍କର ନଥିଲେ କଟକଣା
ବଡ଼ହେଲେ ପିଲା ହେବେ ଏପରି ।

ଦିନ ଗଡ଼ିଗଲା ବୟସ ବଢ଼ିଲା
ପ୍ରକୃତିରେ ତା'ର ଲଗାମ ନଥିଲା
ଲାଉ ଚୋରରୁ ସେ ହେଲା କଖାରୁ ଚୋର
ଧିରେ ଧିରେ ବନିଗଲା ଡ଼ାକୁ ସର୍ଦ୍ଦାର

କଲା ଡ଼କାଏତି ଅନନ୍ତ ହେଲା ଦୁର୍ଦ୍ଧାନ୍ତ
ଦୁଷ୍କର୍ମର ତା'ର ନଥିଲା ଅନ୍ତ
ପୋଲିସ ହାତରେ ସେ ଧରା ପଡ଼ିଲା
ଜେଲ ଗଲା ଅନନ୍ତ ସଜା ଭୋଗିଲା ।

ଅନନ୍ତ କାରନାମା ବିଧବା ମା'
ଯେବେ ଶୁଣିଲା
ମୁଣ୍ଡ କରଡ଼ି ସେ ବେହୋସ ଗଲା
ନାହିଁ ଆଉ ଭୟ
ଖୁସିରେ ନାଚିଲେ ମହଲାବାଲା
ଅନନ୍ତକୁ ଡ଼ାକିଲେ ଲୋକେ
ରାଣ୍ଡିପୁଅ ଅନନ୍ତା
ବିଧବା ମା'ର ସେ ଯାହା ନାଁ ବିକିଲା ।



# ହସଟିଏ

ହସଟିଏ !
ହସ ଏକ ଶ୍ରେଷ୍ଠତମ ଦାନ
ମାନବ ଜାତିକୁ
ସ୍ରଷ୍ଟାଙ୍କ ଅନେକ ସୃଷ୍ଟିରୁ
ଆମେ ଭାଗ୍ୟବାନ
ବ ୍ତ ନୁହେଁ ସେଥିରୁ
ଆମେ ହସିଲେ
ହସେ ଦୁନିଆଁ
ଆମେ କାନ୍ଦିଲେ କାନ୍ଦୁ ଏକା
କାରଣ କେହି ବୁଝେନା
ଏବେବି ଅଜଣା
ଜଣା ପଡ଼େନା ।

ଚେନାଏ ହସ
ସ୍ରଷ୍ଟା ବା ିଦେଲେ
ସପ୍ତାହକ କଅଁଳ ଛୁଆକୁ
ସୁନ୍ଦରତମ ସେ ହସ
କଅଁଳା ଛୁଆର ପାକୁଆ ପାଟିରେ
ଶ୍ରେଷ୍ଠତମ ଉପହାର ସ୍ରଷ୍ଟାଙ୍କର
ମାନବ ଜଗତ ପାଇଁ
ଲାଗିବାକୁ ମାନବ ସେବାରେ ।

ହସଟିଏ  !
ହସ କହେ ତ୍ୟାଗ କରି
କୃତିମତା, ଛଳନା ଦ୍ୱେଷ
ବରିନିଅ ସମସ୍ତଙ୍କୁ
ଆପଣାର କରି
ବି୍‌ଦିଅ ଚମକ ପୁଲକ ଝଲକ
ଆନନ୍ଦ ଉତ୍ସାହ ଶାନ୍ତି
ଭରପୁର ମାନସିକ ତୃପ୍ତି
ଭରିଦିଅ ସମସ୍ତଙ୍କ ମଧ୍ୟେ
ସାମାଜିକ ଚମତ୍କାରିତା
ହସୁଆ ପାଟିରେ
ମଧୁଭରା ଦୁଇପଦ କଥା
ଜାଜ୍ୱଲ୍ୟ ମୁଖ ମଣ୍ଡଳରୁ
ବିଚ୍ଛୁରିତ ହେଉ ସଦା
ଦିବ୍ୟାଲୋକ ଶିଖା ।

ସ୍ୱାମୀ-ସ୍ତ୍ରୀ ସାଇ ପଡ଼ିଶା
ପ୍ରେମିକ ପ୍ରେମିକା ବନ୍ଧୁବାନ୍ଧବ
କୁଟୁମ୍ବ ଭିତରେ ଥିଲେ
ଯେତେବି ମନାନ୍ତର ମତାନ୍ତର
ଚେନାଏ ସ୍ମିତହାସ୍ୟ
ପରସ୍ପର ମୁଖ ମଣ୍ଡଳେ
କରିଦିଏ ସମାଧାନ ସବୁର
ଗୁଞ୍ଜରିଉଠେ
ପରମ ଆତ୍ମୀୟତାର ସ୍ୱର ।

ମଣିଷ ବୁଦ୍ଧିମାନ ବିଚକ୍ଷଣ
ସମାଜରେ ବ ୍ବାକୁ ଅହରହ କରୁଛି
ସଂଘର୍ଷ କରୁଛି ରଣ
ବିଷମୟ ହେଉଛି ଜୀବନ
ଶାନ୍ତିକାମୀ ମଣିଷଟିଏ
ହସର ଅମୋଘ ଅସ୍ତ୍ରେ
କରଇ ପ୍ରୟାସ ଫେରାଇ ଆଣିବାକୁ
ଶାନ୍ତିର ବାତାବରଣ
କରିବାକୁ ସୁଖମୟ ତା’ ଜୀବନ ।

ଭୋଜିଭାତ ହେଉ ଅବା ଭେଟଭାଟ
ବଣିଜ ଅବା ବେପାର କାରବାର
ମଉସ୍ଵବ କିମ୍ବା ମିଳନର ସ୍ଥଳ
ଖୋଜାପଡ଼େ ହସକୁରା ମଣିଷଟିଏ
ଜମାଇବାକୁ ସେ ଆସର
ଯେ କରିପାରେ ପରକୁ ଆପଣାର
ହସରେ ଯୋଡ଼ିପାରେ ହୃଦୟ ସବୁର ।

ହସଟିଏ !
ମାନବ ସମାଜ ପାଇଁ
ଈଶ୍ୱରଙ୍କ ଦିବ୍ୟ ବରଦାନ
ମାନବ ଯେ ଅମୃତ ସନ୍ତାନ
ପରିତ୍ୟାଗ କରି ରଜଃ ତମଃ ଗୁଣ
ଆଦରିନିଅ ସ ୍ୱଗୁଣ
ହସିବାକୁ ଜୀବନରେ ପ୍ରତିକ୍ଷଣ ।

❖❖❖

# ଜୀବନ ଦାନ

ଦାନ ।
ଦାନ ଏକ ମହତ୍ କାମ
ନାହିଁ ତାର ତୁଳନା
ଜୀବନ ଦାନ ମହାପୁଣ୍ୟ
ଅନେକ ଜନ୍ମର ସାଧନା ।
ଦାନ ଶବ୍ଦ ଏକ
ଅର୍ଥ ତା' ଗଭୀର
ଏକ ଏଇ ଶବ୍ଦ ମଧ୍ଯ
ଦାନ ଅନେକ ପ୍ରକାର
କଳାଦାନ ସ୍ନେହଦାନ
ଧର୍ମଦାନ ଅନ୍ନଦାନ
ବସ୍ତ୍ରଦାନ ଜଳଦାନ
ବିଦ୍ୟାଦାନ ଧନଦାନ
ଜ୍ଞାନଦାନ କରୁଣାଦାନ
ଶ୍ରମଦାନ ସେବାଦାନ
ଏହିପରି ଦାନ ଭଳିକିଭଳି
ସେ ଦାନ ନାହିଁ ଅନ୍ତ
ସୃଷ୍ଟିର ପ୍ରାରମ୍ଭରୁ ପୁଣି
ସୃଷ୍ଟିର ଶେଷ ପର୍ଯ୍ୟନ୍ତ ।


ମାନବ ଜୀବନ
ସଂସାରକୁ ସ୍ରଷ୍ଟାଙ୍କର
ଶ୍ରେଷ୍ଠ ବରଦାନ
ମଣିଷ ଜୀବନ ଅନିଶ୍ଚିତ
ମାୟାମୋହରେ ଜଡ଼ିତ
ମାଗିପାରେ ନେଇପାରେ
ଦୁଇ ହାତ ପାତି
ଦେବା ପାଇଁ ଯାଏ ଭୁଲି
ଭାବୁଥାଏ ସବୁ ହିଁ ତାହାର
ଦୁନିଆଁ ଯାକର ସମ୍ପତ୍ତି ।

ଯାହା କିଛି କହୁ ଆମର
ସବୁ ପ୍ରକୃତିର ଦାନ
କେତେବେଳେ ପ୍ରକୃତି
ନେବ ଯେ ଛଡ଼ାଇ
କେ ଜାଣେ ବିଧିର ବିଧାନ ?

ମହର୍ଷି ଦଧିଚିଙ୍କ ମନନେଇ
କିଏ ଅଛି କୁହ ?
କରିପାରେ ନିଜ ଅସ୍ଥିଦାନ
ରଖିବାକୁ ଦେବତା କୁଳର ସମ୍ମାନ
ବୃତ୍ରାସୁର ଅତ୍ୟାଚାରରେ
ଭିତତ୍ରସ୍ତ ଦେବତାଗଣ
ଇନ୍ଦ୍ରଙ୍କ ସାଥେ ଦଧିଚିଙ୍କ ପାଶେ
ଯେବେ ପଶିଲେ ଶରଣ
ଦଧିଚିଙ୍କ ଅସ୍ଥି ନିର୍ମିତ ବଜ୍ର
କରିଲା ବୃତ୍ରାସୁରର ନିଧନ

ଦେବଗଣ ପାଇଲେ ଫେରି
ଇନ୍ଦ୍ରପୁରୀ ଦେବଲୋକ
ଜୀବ ଦାନର ମହନୀୟତା
ହୋଇଲା ପ୍ରକଟ ।

ସବୁଦାନ ହୁଏ ତୁଚ୍ଛ
ସର୍ବାଗ୍ରେ ଜୀବନ ଦାନ
କରଇ ଗୌରବ ମଣ୍ଡିତ
ଜୀବର ଜୀବନ
ଜୀବ ହୁଏ ପ୍ରାପ୍ତ ସ୍ୱର୍ଗଲୋକ
ସାନ୍ନିଧ୍ୟ ଦିଅନ୍ତି ଯାଚି
ସ୍ୱଂୟ ଶ୍ରୀ ମଧୁସୂଦନ ।



# ସୁରଭିତ ଜୀବନ

ଅରଣ୍ୟ ଜୀବନ
ବିପଦ ସଂକୁଳ
ଘନ ଅନ୍ଧାର ନିଘ  ଜଙ୍ଗଲ
ପରିପୂର୍ଣ୍ଣ ହିଂସ୍ରଜନ୍ତୁ
ଗମନା ଗମନ ନୁହେଁ ଅନୁକୂଳ
ବନବାସୀ ଭିତତ୍ରସ୍ତ
ସହଜ ନୁହଁଇ ଜୀବନ
ସରଳ ନୁହେଁ ଲକ୍ଷ୍ୟସ୍ଥଳ
ଆବଡ଼ା ଖାବଡ଼ା ପଥ
ବନବାସୀ ହନ୍ତସନ୍ତ
କଷ୍ଟଦିଏ ଜନ୍ତ୍ରଣା ଦିଏ
ବାଟବଣା ହୁଅଇ ପଥିକ
ଅପହ  ସଭ୍ୟତା ଆଲୋକ
ଅଲଭ୍ୟ ହୁଏ ଦିବ୍ୟଜ୍ଞାନ
ଅନ୍ଧାରେ ଜନମ ତା'ର
ପୁଣି ଅନ୍ଧାରେ ମରଣ ।



ଜୀବନ ଅରଣ୍ୟ
ଦାୟୀ ତା'ର ଆରଣ୍ୟ ଜୀବନ
ସମାଜରେ ଥାଇ ଯଦି
ହୁଏ ପାପାଚାରୀ ଦୁରାଚାରୀ
କୁକର୍ମ ଦୁଷ୍କର୍ମରେ ହୁଏ ଲିପ୍ତ
ସମାଜରୁ ହୁଏ ବିତାଡ଼ିତ
କ କିତ ହୁଏ ତା'ର ପଥ
ଅରଣ୍ୟେ ନଥାଇବି ସେ ଆରଣ୍ୟ
ସଭ୍ୟ ଜୀବନ ତା' ପାଇଁ ସପନ
ଦିବ୍ୟମନ ପୁଣି କରିଲେ ଧାରଣ
ସଦାଚାର ସତ୍‌ମାର୍ଗେ କରିଲେ ଗମନ
ଅବିଳମ୍ବେ ଅଭିଷ୍ଟ ହୁଅଇ ସାଧନ
ସୁରଭିତ ହୁଏ ପୁଣି ତା' ଆରଣ୍ୟ ଜୀବନ
ସଭ୍ୟ ସମାଜକୁ ତା'ର
ହୁଏ ପୁନରାଗନ ।



# ବ୍ୟର୍ଥ ଶୀତ

ଧରା ପୃଷ୍ଠରେ
ଶୀତ ଆସିଗଲା
ଧସେଇ ପଶିଲା
ରୁକ୍ଷତାର ଭାବ ନେଇ
ମନେ ମନେ ପ୍ରେମ କରୁଥିଲା ପରା
ପ୍ରକୃତି ରାଣୀକୁ କହି ନ ଥିଲା
ଏବେ ମୁହଁରେ କହିଲା ଯାଇ
କ୍ଷୁବ୍ଧ ହେଲା ରାଣୀ
ଏଇ କଥା ଶୁଣି
ମୁହଁକୁ ନେଲା ଫେରାଇ
ବସନ୍ତ ଯେ ତା'ର ପ୍ରେମିକ ପ୍ରବର
ଶୀତ କ'ଣ ଜାଣି ନାହିଁ ?
କହିଲା ମୁହଁରେ ଶୀତକୁ
ଏ ଅଭଦ୍ରାମୀ ମୋତେ
ଭଲ ଲାଗେ ନାହିଁ ।
ଦିନ ଦିନ ଧରି
ଯାଏ ଦିନ ଗଡ଼ି
ଶୀତର ପ୍ରକୋପ ଯାଉଛି ବଢ଼ି
ପ୍ରକୃତି ରାଣୀକୁ ଶ୍ରୀହୀନ କରିବ
ଅନିନ୍ଦ୍ୟ ସୁନ୍ଦରୀ ଯିବ ଝାଉଁଳି
ସୁନ୍ଦରୀ ବୋଲି ଏତେ ଅହଁକାରୀ
ଶୀତର ପ୍ରେମକୁ ଦେଲା ଏଡ଼ାଇ
ମନରେ ଉଠୁଛି ପ୍ରେମର ଜୁଆର
ଭିତରେ ଜଳୁଛି କ୍ରୋଧର ଅଙ୍ଗାର

ସେ ଅଙ୍ଗାରେ ରାଣୀକୁ
ଦେବ ଜଳାଇ
ଅପମାନର ପ୍ରତିଶୋଧ
ଦେବ ଫେରାଇ ।

ଛାଡ଼ିଲା ହୁଙ୍କାର
ମାରିଲା ଫୁତ୍କାର
ଜାଡ଼, ଥଣ୍ଡା, ଶର୍ଦ୍ଦି ଉ ।ପହୀନତା
ଏକ ସଙ୍ଗେ ସବୁ ଦେଲା ବିଗାଡ଼ି
ଧରା ପରେ ଥାଇ ପ୍ରକୃତି ରାଣୀ
ପ୍ରେମିକକୁ ମନେ ହେଉଥାଏ ଗୁଣି
ଲୁହ ଝରାଇ ସେ
କାନ୍ଦେ କଇଁ କଇଁ
ତା’ ଲୁହ ଧାରରେ ବହିଗଲା ନଈ
ନଈ ନାଳ ସାଗର
ଗଲା ବରଫ ପାଲଟି
ଧରାପୃଷ୍ଠ ହେଲା ବରଫମୟ
ରାଣୀର ମରମ ଯାଉଛି ଫାଟି ।
ଚତୁର୍ଦ୍ଦିଗ ଛାଇଗଲା ଘନ କୁହୁଡ଼ି
ଅନ୍ଧକାର ସତେ ଆସେକି ମାଡ଼ି
ଘନ କୁହୁଡ଼ି ଭିତରେ
ପ୍ରକୃତି ରାଣୀ
ଗଲା କେଉଁଠି ଲୁଚି
ଖୋଜି ଖୋଜି ଶୀତ ହେଲା ହାଲିଆ
ବସିବା ଯାଗାରୁ
ପାଦେ ନ ପାରେ ଘୁ‌ଞ୍ଚି ।

ପ୍ରେମରେ ବ୍ୟର୍ଥ ଶୀତ
ପ୍ରେମିକ ଷଣ୍ଢ
ବୁଝିଗଲା ନିଜ ପ୍ରେମ ମାନଦଣ୍ଡ
ଏକ ପାଖିଆ ପ୍ରେମରେ
କେହି କାହାର ମନ
ପାରେନା ଜିଣି
ହୃଦୟ ଟା ନୁହେଁ ଶସ୍ତା ଏତେ
ଧନ ଦଉଲତ ପ୍ରଭାବରେ
କେହି ପାରେକି କିଣି ?

ବୁଝିଗଲା ଶୀତ
ନିଜର ଦୋଷ
ବ୍ୟର୍ଥ ହେଲା ତା'ର
ପ୍ରେମ ପ୍ରୟାସ।
ଧରା ପୃଷ୍ଠରୁ ସେ
ଗଲା ବାହୁଡ଼ି
ବସନ୍ତ ପାଇଁକି ଶୀତ
ବାଟ ଦେଇଛି ଛାଡ଼ି।
ଆସିବ ବସନ୍ତ କରିବ ତୋଷ
ପ୍ରକୃତି ରାଣୀ ମୁହଁରେ
ଫୁଟିବ ହସ
ଧରା ପୃଷ୍ଠରେ ଏବେ
ଚାଲିବ ବସନ୍ତ ରାସ ।

❖❖❖

# ଆସେ ବସନ୍ତ

ଆସେ ବସନ୍ତ
ଗଲାଣି ଶୀତ
ମଳୟ କହିଲା କୋକିଳ କଣ୍ଠରେ
ରାଣୀର କାନରେ
ପ୍ରକୃତି ରାଣୀ କରନା ରୋଷ
ରାଣୀ ସହିଗଲା
ଶୀତର ତାଡ଼ନା
କହି ନ ପାରେ ମନର ଯାତନା
ଆସିଲେ ବସନ୍ତ
ପ୍ରକୃତି ରାଣୀକୁ
କରିବ ତୋଷ ।

ମଳୟ ବହିଲା
କୋଇଲି ଗାଇଲା
ଝରା ବଉଳ ବାସିଲା
ଫୁଟିଲା ପଳାଶ ଫୁଲ
ହସିଲା ପେନ୍ଥା ଆମ୍ବ ବଉଳ
ବସନ୍ତ ଆସିଲା
ରାଣୀକୁ ଛୁଇଁଲା
ଦେହ ଲାଗେ ଶିରିଶିରି
ମନ ଉଡ଼େ ଫିରିଫିରି
ରାଣୀ ହସେ କିରିକିରି
ଋତୁରାଜ ବସନ୍ତ ହୋଇଲା ଉଭା
ରାଣୀ ମୁହଁରେ
ଝଟକେ ଆନନ୍ଦ ପ୍ରଭା ।

ଦୋଳ ପୂର୍ଣ୍ଣିମା ତିଥି
ଝଲଝଲସିଆ ଚାନ୍ଦିନୀ ରାତି
ପ୍ରକୃତି ରାଣୀ ଏକାକି ଏଠି
ବସନ୍ତ ରାଜା ଦେବରେ ସାଥୀ
ଆମ୍ର କୁଞ୍ଜରେ ରଚିବେ ଅଭିସାର
ପୁନେଇଁ ଜହ୍ନ ଲାଜେଇଯିବ
ଓଢ଼ଣା ଟାଣି ତା'ର ।
ପ୍ରକୃତି ରାଣୀ ହେବରେ ତୋଷି
ଧରାଶ୍ରୀ ହେବ ତା ସାଥେ ଖୁସି
ହସିବ ନାଚିବ ଏ ସାରା ସଂସାର ।

ଧରିତ୍ରୀ ବସିଛି ଗହିଁ
ଫଗୁଣ ଫଗୁରେ ବାଇ
ପ୍ରକୃତି ରାଣୀ ଖେଳିବ ହୋଲି
ରଙ୍ଗେଇ ହେବା ପାଇଁ
ବସନ୍ତ ଆସିଲେ ଫଗୁଣ ଆସେ
ଦୋଳ ଯାତରା ଫଗୁ ଫଗୁ ବାସେ
ବସନ୍ତ ଖେଳିବ
ଫଗୁରେ ହୋଲି
ପ୍ରକୃତି ରାଣୀକୁ
ଦେବରେ ବୋଳି ।

ରଙ୍ଗ ବେରଙ୍ଗ କେତେଯେ ରଙ୍ଗ
ସବୁଜ, କଳା, ନୀଳ, ହଳଦି, ନାଲି
ନଥିବ ଭେଦଭାବ ନଥିବ କଳି
ସଭିଏଁ ପରସ୍ପର ହେବେରେ ବୋଳି
ବୁଢ଼ାଠୁଁ ପିଲା ସଭିଏଁ ମେଳି
ହସିହସାଇବେ ସମସ୍ତେ ରଚିବେ କେଳି ।

କଅଁଳିବ ପତ୍ର ଗଛ ଡ଼ାଳରେ
ଗାଈଆଳ ପିଲା ବାଇବ ବଂଶୀ
ଗଛ ମୂଳରେ
ତରୁଣ ତରୁଣୀ ଆନନ୍ଦେ
ଉଠିବେ ନାଚି
ପ୍ରେମୀ ଯୁଗଳ ପ୍ରେମରେ
ଯିବେରେ ମାତି
ଗପର ପେଡ଼ି ଦେବେରେ ଖୋଲି
ବସନ୍ତ ରାଜାର ଏ ଫଗୁଣ ହୋଲି ।

ବସନ୍ତ !
ତୁମେ ଫଗୁଣେ ଫଗୁଣ
ଝରାବଉଳର ବାସ
ତମେ ସବୁରି ମୁହଁରେ
କୃଷ୍ଣଚୂଡ଼ାର ପାଟଳ ଅଧର ହସ
ସବୁଦିନ ପାଇଁ ଆମରି ସାଥେ
ରହୁନ କାହିଁକି
ଆମେ କରିଛୁ କି ଅବା ଦୋଷ ?
ତୁମେ ସାଥେ ଥିଲେ
ଭୁଲିଯାଉ ଆମେ ଜୀବନର
ସବୁ ଦୁଃଖ ଅବଶୋଷ
ଧରା ପୃଷ୍ଠରୁ ନହେଉ ନହେଉ ଅନ୍ତ
ତୁମର ଏ ବସନ୍ତ ରାସ ।

❖❖❖

# ଏଇ ମୋ ଜୀବନ

ଝରିଯାଉ ଲୁହ ମୋର
ବୋହି ଯାଉ ନଈ ହୋଇ
ଅନ୍ୟର ଦୁଃଖରେ
ଦୁଃଖ ତାଙ୍କ ଧୋଇ ହୋଇ
ସୁଖରେ ହେଉ ପରିଣତ
ମୋ ଲୁହ ଧାରରେ ।

ଆଡ଼ ଆଖିରେ ମୋତେ
ନ ଚାହିଁଲେ ବି କେହି
ତ୍ୟାଗ ମୁଁ କରୁଥିବି
ସମସ୍ତଙ୍କ ପାଇଁ
କେବେବି ହେବନି ଅନ୍ୟଥା
ଇଏତ ମୋ ଅନ୍ତରର କଥା ।

କର୍ମ କରି କ୍ଳାନ୍ତ ହେଲି
ବୁହାଇଲି ଝାଳ ଅନ୍ୟ ପାଇଁ
ଆହାପଦେ କହିଲେନି କେହି
"ଏହାତ କର୍ତ୍ତବ୍ୟ କରିବାର ଥିଲା"
ଚାଲିଗଲେ କହିଦେଇ
ଆଉଥରେ ଫେରି ଚାହିଁଲେନି କେହି ।
ଅନ୍ୟର ଆନନ୍ଦରେ ହୁଏ ଆନନ୍ଦିତ
ଅନ୍ୟର ଖୁସିରେ ହୁଏ ବିମୋହିତ
ତଥାପି ଯଦି ମୋତେ ହତାଶ କେ' କରେ
ସେଥିକୁ କରିବିନି ରୋଷ
ଏହା ମୋର ଜନ୍ମଗତ ଅଭ୍ୟାସ ।

ଦେବାରେ ଆନନ୍ଦ ମିଳେ
ପୂଣ୍ୟାର୍ଜ୍ଜନ ନୁହେଁ ମୋର ଆଶା
ଦେଇ ଦେଇ ଥକି ଗଲି
ରିକ୍ତ ହସ୍ତ ହେଲି ବୋଲି
ଭଲପାଏ ନାହିଁ ମୁହିଁ କରିବାକୁ ଚର୍ଚ୍ଚା ।

ପ୍ରେମ ଦେଲି ସ୍ନେହ ଦେଲି
ଅକୁଣ୍ଠ ଚି ରେ
ହୃଦୟରେ ଦେଲି ଯାଗାଟିଏ
କିନ୍ତୁ ପ୍ରତିଦାନେ ପାଇଲି ମୁଁ ଘୃଣା
ଦୁଃଖ କରିବାର ନାହିଁ କିଛି
ପ୍ରେମ ମୋର ହେବ ନାହିଁ ଊଣା ।

ସମସ୍ତଙ୍କୁ ଭଲପାଏ ଏତେ
କେହି ବୁଝି ପାରିଲେନି ମୋତେ
ମୁଁ ସ୍ନେହ କାଙ୍ଗାଳ ମଣିଷଟିଏ
ପ୍ରତିଦାନେ ଖାଲି ଋହିଁଥାଏ
ପଦେ ମଧୁର ବଚନ
ସ୍ନେହ, ଆଦର, ସମ୍ମାନ
ଅଧିକାତ କିଛି ଋହିଁନାହିଁ ମୁହିଁ
ଜାଣେନା, ଭୁଲ ମୋତେ ବୁଝନ୍ତି କାହିଁ ?
ମୁଁ ଅଲୋଡ଼ା ହୁଏ ପଛେ ସମସ୍ତଙ୍କ ପାଇଁ
ସମସ୍ତେ ତ ମୋ ପାଇଁ ଲୋଡ଼ା
ସେମାନେ ମୋ କୁଟୁମ୍ବ ଜ୍ଞାତି ପରିଜନ
ମୋ ଆତ୍ମୀୟ ସ୍ୱଜନ
ତାଙ୍କ ପାଇଁ ଉତ୍ସର୍ଗୀକୃତ
ଏଇ ମୋ ଜୀବନ ।

❖❖❖

# ସ୍ୱପ୍ନ

ସ୍ୱପ୍ନ
ରୂପେଲି ପରଦାର ଚିତ୍ରଭଳି
ତନ୍ଦ୍ରା ବିଜଡିତ ମୁଦ୍ରିତ
ନୟନ ପଟଳରେ ହୁଏ ଉଦ୍ଭାସିତ
ଦୁଃଖ ଦିଏ ଯନ୍ତ୍ରଣା ଦିଏ
ସୁଖ ଦିଏ ଶାନ୍ତି ଦିଏ
ଭୟ ଜଗାଏ କ୍ରୋଧ ଜନ୍ମାଏ
ନୁହେଁ ବାସ୍ତବ ସବୁ ଅବାସ୍ତବ
ସ୍ୱପ୍ନ ଦୋଷଯୁକ୍ତ
ମାନସିକ ଶାରିରୀକ ବିକାରରୁ
ନୁହେଁ ମୁକ୍ତ ।

ସ୍ୱପ୍ନ ବି ଦେଖିହୁଏ
ଜଳଜଳ ନିଦ ହଜା ଆଖିରେ
ମନ ପରଦାରେ
ଶୂନ୍ୟତା ମଧ୍ୟରେ
ପ୍ରତିଭା ସୃଜନଶୀଳତା
ସମ୍ଭାବନା ଆଶା ନେଇ
କରିବାକୁ ଜୀବନ ସାକାର
ମନହୁଏ କଲବଲ ହୁଏ ଅସ୍ଥିର
ଏ ସ୍ୱପ୍ନ ନୁହେଁ ଦୋଷମୁକ୍ତ
ବରଂ ନିଦ୍ରାହୀନତାର ଫଳ
ପ୍ରକାଶଇ ସ୍ୱା୍ିକ ଭାବର

ସାଧକ ସେ ଅସାମାନ୍ୟ
ସ୍ୱପ୍ନ ତାର ଅସାଧାରଣ
ଦିବ୍ୟ ଅବତରଣ
ଦିବ୍ୟ ଜ୍ଞାନ ଦିବ୍ୟ ଅନୁଭୂତିର
ହୁଅଇ ଉଦ୍ଭବ
ସମସ୍ତଙ୍କ ପକ୍ଷେ ଏହା ନୁହଁଇ ସମ୍ଭବ ।

ଏ ସ୍ୱପ୍ନ ସରେନା ଦେଖା
ବସା ବାନ୍ଧି ରହିଥାଏ
ଜନ୍ମରୁ ମ୍ୟତ୍ୟୁ ଯାଏ
ଏ ଯେ କଷ୍ଟଲବ୍ଧ ଫଳପ୍ରସୁ
ଜୀବନ ଯାକର ସାଧନା
ଗାନ୍ଧୀଜୀଙ୍କ ସ୍ୱପ୍ନପରି
ସ୍ୱାଧୀନତା ପରେ
ରାମ ରାଜ୍ୟର କଳ୍ପନା ।



# ସ୍ୱୀକାରୋକ୍ତି

ବୟସ ଛୁଇଁନି ସତୁରୀ
ଅଛି କିଛି ବର୍ଷ ବାକି
ବାର୍ଦ୍ଧକ୍ୟ ପାହାଚରେ ବସିଛି
ତଥାପି ଯାଇନି ମୁଁ ଥକି
ସହଧର୍ମିଣୀ ଶ୍ରୀମତୀ ମୋର
ଷାଠିଏ ବରଷରେ ଦେଇଛି ପାଦ
ମନରେ ରହିଛି ଭରି ସ୍ଫୁର୍ତ୍ତି
ଅଶେଷ ଆହ୍ଲାଦ
ଜୀବନ ଯାକ ଜଞ୍ଜାଳ
ମାନସିକ ଅଶାନ୍ତିରେ
ଶରୀର ପାଖେ ଯାଇଛି ଠକି
ଶରୀର ମାନୁ ନାହିଁ ବୋଲ
ବେଳେ ବେଳେ କରେ ଅସମ୍ଭାଳ
ଧର୍ଯ୍ୟହରା ନୁହେଁ ସେ ତଥାପି
ଜୀବନ ଯାଇନି ଅଟକି ।

ଢ଼ିମାଢ଼ିମା ଚଷମା କାଚରେ
ଦୁଇଜଣ ଅତୀତକୁ ଏବେ
ଦେଖୁଛୁ ନିରେଖି
ଝାପସା ଦିଶୁଛି ସିନା ହେଲେ
ମନର ପୃଷ୍ଠାରେ ସବୁତ
ଆଗରୁ ହୋଇଛି ଲେଖି
ଯୌବନ ପାହାଚରେ

ଚଢ଼ିଥିଲା ବେଳେ
ପୁରୁଷର ଅହଂ ଅସ୍ମିତା
ଏବଂ ଦାମ୍ଭିକତା ଆଗେ
ସ୍ତ୍ରୀର ସ୍ୱାଭିମାନ ପଡ଼ିଯାଏ ବଳି
ଯୌବନର ଉଷ୍ମତାରେ
ପୁରୁଷଟି ଭେଲ ଅଭେଲ ସବୁ
ଯାଇଥାଏ ଭୁଲି ।

ଏବେ ମୁଁ ଭାବିଲେ
ଯୌବନ କାଳର ମୋର
ପରାକ୍ରମ କଥା
ଉଦଣ୍ଡ ଦୁର୍ଦ୍ଧଷ ମୋର
ଯୌବନର ଉଦ୍ଦାମ ।
ମଥା ପୋତି ସହିଛି ସେ
ଦିନ ଦିନ ଧରି
ସ୍ନେହ, ପ୍ରେମ ସରାଗ ସେ
କରିନାହିଁ ଊଣା
ନାରୀର ସଦ୍‌ଗୁଣେ
ସବୁ କରିଛି ଭରଣା ।

ସହଧର୍ମିଣୀ ସ୍ତ୍ରୀ ମୋର
ଦିନେ କାଳେ ତାକୁ ମୋ ଜୀବନେ
ଦେଇନି ପ୍ରାଧାନ୍ୟ କରିନାହିଁ ଚିନ୍ତା
ବାର୍ଦ୍ଧକ୍ୟରେ ତା’ ପାଇଁ
ଏବେ କାହିଁ ଏତେ ଅନୁରାଗ
ଅନୁଶୋଚନା ଏତେ ଅନୁଚିନ୍ତା ?

ନାରୀ ସିଏ ସହଧର୍ମିଣୀ ସହଯାତ୍ରୀ
ସ୍ମିତ ହାସିନୀ ଧରିତ୍ରୀର ଗୁଣେ
ସେ ସର୍ବଗୁଣ ସଂପନ୍ନା
ସେତ ଅନନ୍ୟା
ଯୌବନେ ଯେ ସ୍ଥିର ଆଉ ଅବିଚଳିତ
ସ୍ୱାମୀର ଉଦ୍ଦାମତା ହୋଇନି ବାଧକ
ସେ ଜାଣେ ତା ସଂସାର ଡ଼ଙ୍ଗାର
ସେ ହିଁ ବାହକ
ସ୍ୱାମୀ ତା'ର ଚୂଡ଼ି ଆଉ ସିନ୍ଦୁର ର ମୋହ
ସ୍ୱାମୀ ବିନା ତା' ଜୀବନ ଅତି ଦୁର୍ବିସହ ।

ଭାବିବାକୁ ଭୟଲାଗେ
ତା'ବିନା କେତେ କଷ୍ଟକର ଏ ଜୀବନ
ସୁସ୍ଥ ଅଛୁ ସୁସ୍ଥ ଥାଉ
ସୁସ୍ଥରେ କଟୁ ଦୁହିଁଙ୍କ ଜୀବନ
ପ୍ରଣତି ଘେନହେ ଠାକୁର
ଘେନ ମୋର ନିବେଦନ ।



# ନିର୍ବାଣ

ଜନ୍ମ ନୁହେଁ ତା'ର ରାଜ ପରିବାରେ
ବାଲ୍ୟକାଳ କଟିନାହିଁ ରାଜ ଉଆସରେ
ଜନ୍ମ ତା'ର କେଉଁ ଏକ ଅଖ୍ୟାତ ପଲ୍ଲୀର
ଝାଟି ମାଟି ପତ୍ର କୁଡ଼ିଆରେ ।

'ଗୁନ' ନାମ ତା'ର ସେ ନୁହେଁ ଗୌତମ
ଧନ ଦୌଲତ ସୁଖ ଓ ପ୍ରାଚୁର୍ଯ୍ୟ
ତା' ଲାଗି ସପନ
କୁଢ଼ କୁଢ଼ ପଥର ଆଉ ଚିପ୍‌ସ୍
ତା' ମଧ୍ୟେ କାଟିଛି ଜୀବନ
ହାତରେ ହାତୁଡ଼ି ମୁଣ୍ଡରେ ଗାମୁଛା ପଗଡ଼ି
ପଥର ବାଡ଼େଇବା ସକାଳୁ ସଞ୍ଜଯାଏ
ଏକ ମାତ୍ର କାମ ।
ଶୈଶବ ମନେ ନାହିଁ ତା'ର
କୈଶୋରରୁ ସାଥି ତା'ର ହାତୁଡ଼ି ପଥର
ଯୌବନ ପ୍ରୌଢ଼ତ୍ୱ ପରେ ବାର୍ଦ୍ଧକ୍ୟ
କଟିଛି ପାହାଡ଼ ପଥର କୋଳରେ
ଦାରିଦ୍ର୍ୟର କଷାଘାତେ ପେଷିହୋଇ
ଶରୀର ତା' ରୋଗଗ୍ରସ୍ତ
ମୃତ୍ୟୁ ଅପେକ୍ଷାରେ
କେତେ ସାଥି କେଉଁ ଦିନୁ
ବାହୁଡ଼ି ଗଲେଣି ସାଙ୍ଗରୁ
ମୃତ୍ୟୁକୁ ଦେଖିଛି ସେ
ଅତି ନିକଟରୁ ।

ମୃତ୍ୟୁରେ ବିଚଳିତ
ନୁହେଁ ଗୁନ ତିଳେ ମାତ୍ର
ମଣିଷ ଜୀବନେ ରକ୍ତ ମାଂସ ଶରୀରରେ
ଏବା କି ବିଚିତ୍ର ?

ମୃତ୍ୟୁ ଡ଼ରେ
ନୁହେଁ ପଳାୟନ ପନ୍ଥି
ସନ୍ୟାସି ହେବାକୁ କେବେ
ବଳାଇନି ମନ
ଆଜନ୍ମ ସନ୍ୟାସୀ ସେତ
ସନ୍ୟାସରେ କାଟୁଛି ଜୀବନ
ସରଳ ସଂସାରୀ ଜୀବନେ
ସନ୍ୟାସ ତା’ ବ୍ରତ
ପଳାୟନ ପନ୍ଥି ହେବା
ନୁହେଁ ତା’ର ଜୀବନର ମନ୍ତ୍ର
ବୃଦ୍ଧତ୍ୱ ହୋଇଛି ପ୍ରାପ୍ତ
ଯାହା ଜୀବନର ଏକ ମାତ୍ର ସତ୍ୟ
ଜନ୍ମ ମାତ୍ରେ ମୃତ୍ୟୁ ଏହା ସୁନିଶ୍ଚିତ
ବୃଦ୍ଧତ୍ୱ ପ୍ରାପ୍ତି ନୁହେଁ ନୁହେଁ, ଜୀବନର
ଏକମାତ୍ର ସୂତ୍ର ।
ବାର୍ଦ୍ଧକ୍ୟେ ଗୁନ ଏବେ ରୋଗଗ୍ରସ୍ତ
ଶରୀର ତା’ ଜରାଶୀର୍ଣ୍ଣ
ଲକ୍ଷ୍ୟ ତା’ର
ଶରୀରରୁ ଆତ୍ମା ବାହୁଡ଼ିଲା ପରେ
ପରମାତ୍ମା ଠାରେ
ହୋଇଯାଉ ଲୀନ
ଏହାହିଁ ତା’ ପାଇଁ ନିର୍ବାଣ ।

# ଶ୍ରାବଣୀ ଗୋ

ଶ୍ରାବଣୀ ଗୋ
ଫଗୁଣେ ଆସିଥିଲି ଚାଲି
କହି ନବବଧୂକୁ ମୋର
ବିଦେଶୁ ଆସିବି ଶ୍ରାବଣେ ଫେରି
ଘେନି ସାଥେ
ଅସରନ୍ତି ଅଫୁରନ୍ତ ହସର ଜୁଆର ।
ଝରଝର ଝରୁଥିବ ଯେବେ
ଶ୍ରାବଣର ପ୍ରଥମ ଅସରା
ବର୍ଷାଟା ମାତିଥିବ ସେବେ
ପୀରତିରେ ଓଦାମାଟି ସାଥେ
ଖେଳାଇ ପ୍ରେମର ଫୁଆରା ।
ଧରଣୀ ଦେଖୁଥିବ
ସୃଜନର ସଫଳ ସପନ
ଭିଜିଭିଜି ଚଷାଭାଇ
ଝିପିଝିପି ବର୍ଷାରେ
କରୁଥିବ ବୀଜର ବପନ ।
ହତଶିରୀ କ୍ଷେତ
ଖେଳାଇଥିବ ସବୁଜ ଶସ୍ୟର ଅଙ୍କୁର
ଏକମାତ୍ର ଆଶା
ଚାଷୀ ପୁଅ ମୁଁ
ପରିପୂର୍ଣ୍ଣ ହେବ ମୋର
ଶସ୍ୟର ଭଣ୍ଡାର ।

ଶ୍ରାବଣୀ ଗୋ
ମୁଁ ଶୁଣିଲି
ଅଦିନେ ଆସିଥିଲ ତମେ
ଜ୍ୟେଷ୍ଠ ପ୍ରାନ୍ତେ
ଘନକୃଷ୍ଣ ଭସା ବାଦଲର
ରୂପ ନେଇ
ଖୁସି ଭରିଗଲା ମୋ ପ୍ରିୟା ମନେ
ବୋଧେ ଆସିଲ ସହଳ
ତା' ମନ ଲୋଭାଇବା ପାଇଁ।
ମୁଁ ଜାଣିଛି
ଆଦ୍ୟ ଆଷାଢ଼ ପାଉଁଶି ଆକାଶୁ
କେବେବି ଅସରା ଅସରା ବର୍ଷା
ପଡ଼େନି ଝରି
କେମିତି ଗୋ ତମେ
ଜ୍ୟେଷ୍ଠର ସେଇ
ଝାଞ୍ଜି ପବନର ଚେଙ୍କ ନିଆଁରେ
ପଡ଼ିବ ଝରି
ମନେ ନ ଡ଼ରି ?

ଶ୍ରାବଣୀ ଗୋ
କଥା ଦେଇଥିଲ
ବରଷିବ ବୋଲି
ହେଲେ
ଶ୍ରାବଣ ସଇଲା ଆସି
ବିଧୂରା ମୋ' ପ୍ରିୟା
କନକନ ହୋଇ
ବିଚଳିତ ପ୍ରାଣେ

ଚାହିଁ ରହିଥିବ ମାସ ମାସ ଧରି
ଦିନ ଗଣୁଥିବ ଥକି ପଡ଼ିବଣି
ଶ୍ରାବର ମାସକୁ ଘୋଷି ।

ଶ୍ରାବଣୀ ଗୋ
ଫଟାଇ ବାଦଲ ଝରିଆସ
ବରଷି ଯାଅ ବରଷୁ ଥାଅ
ଯନ୍ତ୍ରଣା ଦିଅନି ଆଉ
ଯଉବନେ ବ୍ୟଥିତ
ଦୁଇ ପ୍ରାଣୀ ଆମେ
ଆମ ମିଳନର ଆଶା
ପୂରଣ ହେଉ
ସକଳ ଜନଙ୍କ ତମେ ତ ଭରସା
ତମ ଆଗମନେ
ସମସ୍ତଙ୍କ ଆଶା
ଭରଣା ହେଉ ।



# ପୁଅ ଆଉ ପେନସନ୍

'ନୀଳା' ନାମ ଦେଇଥିଲେ ବାପା ମାଆ
ପିଲାବେଳେ
ବାପା ମାଆଙ୍କ ଇଚ୍ଛାପୂର୍ଣ୍ଣ କରି
ଡ଼ଃ ନୀଳାମ୍ବର ପରିଡ଼ା
ସିଏ ଯେବେ ହେଲେ
କେହି ଆଉ ଦେଖିଲେନି ତା'ପରେ
ଥରେ ତାଙ୍କୁ ଭାରତରେ
ସୁଦୂର ଆମେରିକା ଡ଼ଃ ପରିଡ଼ା
ଚାଲିଗଲେ ନିଜ ଲକ୍ଷ୍ୟ ହାସଲରେ
ଉଚ୍ଚ ପଦବୀର ମୋହଗ୍ରସ୍ତ
ନୀଳାମ୍ବର ବାବୁ ଗ୍ରୀନକାର୍ଡ ହୋଲଡର
ଏବେ ସେଠାକାର ସ୍ଥାୟୀ ବାସିନ୍ଦା
ଆମେରିକାନ୍ ହୋଇଗଲେ ।

ନୀଳା କଥା ଭାବିଭାବି
ମାଆଙ୍କ ଆଖିରୁ କେବେବି
ଶୁଖେନି ଲୁହ
ପୁଅ ପାଇଁ ଝରି ସେ ମରନ୍ତି
ହୃଦେ ଭରି ଅସରନ୍ତି କୋହ
ଅବୁଝା ନୁହନ୍ତି ଧର୍ମାବତୀ
ବୁଝନ୍ତି ସେ
ଏହା ତାଙ୍କ ପୁତ୍ର ମୋହ
ଅପୁତ୍ରିକ ବୋଲି କେତେ ଯେ
ଗଞ୍ଜଣା ସହି ସେ ନାହାନ୍ତି ?

ଚଣ୍ଡିପାଠ ଠାରୁ ରୁଦ୍ରାଭିଷେକ
ନାନା ଓଷାବ୍ରତ, ମାନସିକ, ମାଜଣା
ଦାନ ଧର୍ମ ଠାରୁ ତୀର୍ଥ ଯାତ୍ରା
କେତେ ଯେ ନ କରିଛନ୍ତି
ପୁତ୍ର ଆଶେ ?
ପୁତ୍ ନାମକ ନର୍କରୁ ଉଦ୍ଧରିବ ଯିଏ
ତା'ପାଇଁ ସବୁ କଷ୍ଟ ସହିଛନ୍ତି ସିଏ ।

ନୀଳାକୁ କୋଳେ ଧରି
ଧର୍ମାବତୀ ସ୍ୱର୍ଗସୁଖ ପାଇଛନ୍ତି
ତା' ପାଇଁ ସବୁ କଷ୍ଟ ସହି ସେ ପାରନ୍ତି
ହାତୀ ବନସ୍ତରେ ଥିଲେ ବି
ସେ'ତ ରଜାଙ୍କର
ନୀଳା ଯେଉଁଠି ଥିଲେ ବି
ପୁଅତ ତାଙ୍କର ।

ବାପା ସ୍ୱଳ୍ପବେତନ ଭୋଗୀ
ସରକାରୀ କିରାଣୀଟିଏ
ସ୍ଥିତପ୍ରଜ୍ଞ, କର୍ମନିଷ୍ଠ, କାର୍ଯ୍ୟଦକ୍ଷ
ଅବସର ପରେ ପେନ୍‌ସନ୍ ଗଣ୍ଡାକ
ଗୁଣନିଧି ବାବୁଙ୍କର ଲକ୍ଷ୍ୟ
ଦୁନିଆଁ ବଦଳୁଛି
ନୀଳା ବି ବଦଳିବ
ମୁଲୁଁ ସେ ଜାଣନ୍ତି
କାହା ଉପରେ ବୋଝ ହେବାକୁ
ସେ ସୁଖ ନ ମଣନ୍ତି
ନୀଳାର ପଦପଦବୀ ପ୍ରତିଷ୍ଠା

ବେତନ ଓ ମାନ ସମ୍ମାନ
ତାଙ୍କ ପାଇଁ ସବୁ ମୂଲ୍ୟହୀନ
ତଥାପି କରନ୍ତି କାମନା
ସୁଖେ କଟୁ ପୁଅର ଜୀବନ।
ପେନସନ୍ ଗଣ୍ଡାକ ତାଙ୍କର
ତାଙ୍କ ପାଇଁ ଅମୂଲ ମୂଲ
ଦୁଇ ପ୍ରାଣୀଙ୍କର ବଢ଼ତି, ଚଳଣୀ
ଏ ବୟସରେ ତାଙ୍କ ପେନ୍‌ସନ୍‌ର ଫଳ ।

ଗୁଣନିଧିଙ୍କ ମତରେ
ତାଙ୍କ ପାଇଁ ପୁଅ ଠାରୁ
ପେନସନ୍ ହିଁ ବଡ଼
ପୁଅ ତ ଯାଇଛି ଭୁଲି
ଅସଲି ପୁଅତ ପେନସନ୍ ତାଙ୍କର ।



# ବମ୍ବେରେ ବର୍ଷା

ବମ୍ବେରେ ବର୍ଷା
ନାହିଁ ଭରସା ଉଡ଼ାଏ ହଂସା
କହନା ଭାଇ
ଯେ ଭୋଗିଛି ସେ ଜାଣିଛି
ଅନୁଭବି ଛଡ଼ା
ଆଉ କେ ପାରିବ କହି ?
ନବାଗତ ଏଠି ଜାଣି ପାରେନା
ବର୍ଷାର ରୂପକୁ ନଦେଖିଲେ ନିଜେ
ସ୍ୱାଭାବିକ ରୂପ କରେ କଳ୍ପନା
ଥରେ ଦେଖିନେଲେ
ଅନୁଭବ କଲେ
ତା' ତାଣ୍ଡବ ରୂପକୁ
କେବେ ଭୁଲି ପାରେନା ।

ନଥାଏ ବାଦଲ ନଥାଏ ଶଙ୍କା
ଖୋଲା ଆକାଶ ପୁରା ଫାଙ୍କା
ବର୍ଷା ନାହିଁ ଏଠି ଝରେନା ବାରି
ଗତାନୁଗତିକେ ଲୋକେ
ପ୍ରାତଃ ଭ୍ରମଣରେ ଯାଆନ୍ତି ଚାଲି
ଭ୍ରମଣକାରୀଙ୍କ ମନରେ ନଥାଏ ଦ୍ୱନ୍ଦ
ମନଖୁସିରେ ଯାଆନ୍ତି ବୁଲି ।
କଳାବାଦଲ
ହଠାତ୍ କେଉଁଠୁ ଆସେ
ସାରା ଆକାଶକୁ ଧରେ ଯାବୋଡି
ଦୁମ୍ ଦୁମ୍ ଦିଏ କଚଡି ।

ଅସହାୟ ବାପୁଡ଼ା ନବାଗତ ଅତିଥି
ବମ୍ବେରେ ସେ ଅଭ୍ୟସ୍ତ ନୁହେଁ
ଅଭ୍ୟସ୍ତ ହୁଏ
ଘରୁ ବାହାରିବା ଆଗୁଁ
ଭଗବାନଙ୍କୁ ଡ଼କା ପକାଏ
ଯିବକି ନ ଯିବ ସେ ଭାବୁଥାଏ
ସାବଧାନ ହେବା ଶିଖିଯାଏ
ଛତା କି ବର୍ଷାତି ନେବା ସାଙ୍ଗରେ
କେବେ ଯାଏନା ଭୂଲି
ହଠାତ୍ ବର୍ଷା ପାଇଁ
ଏହାତ ତା'ର ଜୀବନ ତରୀ ।

ବମ୍ବେ ବାସିନ୍ଦା ଶିଆଣା ଅତି
ବର୍ଷା କରାମତି ସେମାନେ ସବୁ ଜାଣନ୍ତି
ବର୍ଷାକୁ ତାଙ୍କର ନଥାଏ ଖାତର
ଲଗାଣ ବର୍ଷାକୁ ତାଙ୍କର
ନଥାଏ ଡ଼ର
ପିଲାଙ୍କ ସ୍କୁଲ, ଦୋକାନ ବଜାର
ହୋଟେଲ, ହାଟ, ଅଫିସ କାମ
ଟ୍ରେନ ବସ ଆଉ କାର
ସବୁ ଚ଼ଲେ ଠିକ୍ ତା ବାଟରେ
ସତେକି ବର୍ଷା ଆଉ ବମ୍ବେ ବାସିନ୍ଦା
ଦୁଇ ସାଥି କଥାବାର୍ତ୍ତା ହୋଇ
ଚ଼ଲୁଥାନ୍ତି ଏକ ସାଥିରେ ।
ବମ୍ବେରେ ବର୍ଷା

ହୁଏନି କେବେ ହାଲିଆ
ପ୍ରାୟ ତିନିମାସ ଧରି
ବର୍ଷା କରେ ରାଜତ୍ୱ
ବମ୍ବେ ବାସିନ୍ଦା ତା ପ୍ରଜା ଭଳିଆ।
ଛଅ ଜୁଲାଇ ଦୁଇ ହଜାର ଛଅ
ଏବେବି ରୋମ ଉଠେ ଟାଙ୍କୁରି
ଭଗବାନଙ୍କୁ ସ୍ମରନ୍ତି ସକଳ ଜନେ
ଆଣ୍ଠୁଏ ଆଣ୍ଠୁଏ ପାଣି
ରାସ୍ତା ଘାଟରେ
ବସ, କାର, ମଟର ସବୁ ପାଣି ଘେରରେ
ତିନି ଦିନ ତିନି ରାତି
ଲୋକେ ରହିଗଲେ ରସ୍ତା ଉପରେ
ଉପାସ ଭୋକରେ
ଭଗବାନଙ୍କ କୃପାରେ ।

ବେଳେ ବେଳେ
ଅଘଟଣ ଘଟେ ବି ଏଠି
ବର୍ଷା ତ ପ୍ରକୃତି ର ଦାନ
ତାକୁ କେ ପାରିବ ରୋକି ?

❖❖❖

# ଫାଇଲିନ

ଫାଇଲିନ୍ !
ଜଣା ପଡୁଥିଲା ତୁମ ନାଆଁରୁ
ତୁମେ ହୋଇଥିବ ଥାଇ ସୁନ୍ଦରୀ
ଆଣ୍ଡାମାନ ଦେଇ ଆସିଲ କିପରି
ତୁମେ ନୁହଁତ ଆଣ୍ଡାମାନର ପରୀ ?
ନାଆଁରୁ ପଡ଼େନି ଗୋ ଜଣା
ଦେବୀ କି ଦାନବୀ
କିଏ ଅପସରୀ କିଏ ସୁନ୍ଦରୀ ।

ନାଆଁକୁ ତୁମର ବଦନାମ କଲ
ଦାନବୀର ରୂପ ନେଇ
ମା' ଦୁର୍ଗାଙ୍କର ଅଷ୍ଟମୀ ପାର୍ବଣ ତିଥିରେ
ଆବାହନ କାଳେ ଓଡ଼ିଶା ମାଟିରେ
କେମିତି ପଶିଲ ଧସେଇ ?

ଜନ ମାନସରେ ତୁମେ ହୋଇପାର
ମହାବାତ୍ୟା, ଘୂର୍ଣ୍ଣିବାତ୍ୟା ଅବା
ଟରନାଡୋ, ଟାଇଫୁନ କିମ୍ବା ଝଡ଼
ମୋ ପାଇଁକି ଫାଇଲିନ ତମେ
ପ୍ରଚଣ୍ଡ ଭିଷଣ ଆଉ ଭୟଙ୍କର
ଏମାନଙ୍କଠାରୁ ବି ବଡ଼
ତମେ ଚଣ୍ଡି, ଚାମେଣୀ, ଭୁତୁଣୀ
ଅଶରୀରୀ ତମେ ରାକ୍ଷସୀ ତମେ ପ୍ରେତିନୀ
ସୁନ୍ଦର ନାଁରେ ସାଜିଲ କେମିତି
ବିଧ୍ୱଂସ କାରିଣୀ ଡ଼ାଙ୍କୁଣୀ ?

ଜନ ଜୀବନକୁ କଲ ଛାରଖାର
ଘରଦ୍ୱାର କୋଠାବାଡ଼ି ଦୋକାନ ବଜାର
ଧୂଳିସାତ୍ କରି ମାଟିରେ ମିଶାଇ ଦେଲ
ଓଡ଼ିଶା ମାଟିକୁ ଖିନ୍‌ଭିନ୍ କରି
ତୁମ ପରାକ୍ରମକୁ ଦେଖାଇ ଦେଲ
କେମିତି ଗୋ ଚଣ୍ଡି
ତୁମ ଉପରେ ହେଲାନାହିଁ ବୃଷ୍ଟି
ମା' ଶକ୍ତିମୟୀର କୋପଦୃଷ୍ଟି ।

ଦଶହରା ପାର୍ବଣ ଆସର
ଓଡିଆ ମାନଙ୍କ ଖୁସିର
ତୁମେ ସାଜିଲ ପ୍ରଳୟକାରିଣୀ
କାନ୍ଦୁଛି ଓଡିଶା ଓଡିଆ ପୁଏ
ଭାବୁଛନ୍ତି ନିଜ ଗୋଡେ କେବେ
ଠିଆ ହେବେ ପୁଣି କେଜାଣି ।

ମା' !
ଏଇ ଅଷ୍ଟମୀ ପାର୍ବଣ ତିଥିରେ
ତୁ ନଥିଲୁ କି ଆମ ସାଥିରେ ?
ଫାଇଲିନ୍ କେମିତି ଗୋ
ପଶିଗଲା ଧସେଇ
ଗୋପଳପୁର କତିରେ
ଆମ ଏଇ ଓଡ଼ିଶା ମାଟିରେ ?
ଦେଲୁନି କାହିଁକି କାଟି ତା' ଗଳା

ତୋ ମୁନିଆଁ ଖଡଗ ଦାନ୍ତିରେ ?
ମା' !
ତୁ ସର୍ବଂସହା
ତୁ ବି ସଂହାରକର୍ତ୍ରୀ
ଫାଇଲିନ୍ କୁ ଛାଡିଦେଲୁ କି ମା'
ଏଥର କଳିବାକୁ ତା'ର ସ୍ଥିତି ?
ପୁଣି ଏପରି ସାହସ କରିବ ଯିଏ
ସଂହାରକର୍ତ୍ରୀ ସାଜିବୁଲୋ ମା'
ତୋ ରୂପକୁ ଦେଖିବ ସିଏ
ତାକୁ କରିବୁନି ଦୟାପାତ୍ରୀ
ମା' ତୁତ ସଂହାରକର୍ତ୍ରୀ ।



# ସୁକନ୍ୟା

ସୁକନ୍ୟା ଆସୁଛି ବମ୍ବେରୁ
ଆଜି ସକାଳ ଫ୍ଲାଇଟ ରେ
ଭୁବନେଶ୍ୱରରେ ପହ ୍‌ବ
ପ୍ରାୟ ଦିନ ଦଶଟାରେ
ମା' ଗୋଡ ଲାଗୁନାହିଁ ତଳେ
ବାପାଙ୍କର ଖୁସି ପଡ଼େ ନାହିଁ ଜଣା
ସିଏ ତ ଗମ୍ଭୀର ସବୁବେଳେ ।
ବାପାଙ୍କର ରିଟାୟାରମେ   ପରେ
ବାପା ମାଆ ରହୁଛନ୍ତି ଭୁବନେଶ୍ୱରରେ
ଝିଅ କିଣି ଦେଇଛି ଫ୍ଲାଟ
ଖଞ୍ଜି ଦେଇଛି ଦାମୀ କାର
ଊଣା କରିନାହିଁ କେଉଁଥିରେ
ବାପାମାଆଙ୍କର ସୁଖ ଦୁଃଖ ଦେହ ପା
ସବୁ କଥା ବୁଝିଥାଏ ସେ
ପ୍ରତି ମୁହୂ ର୍ରେ ଥାଇବି ବମ୍ବେରେ
ଫୋନ୍ ମାଧ୍ୟମରେ ।

ପୁଅ ତ ଯାଇଛି ସେଦିନୁ
ରହିଛି ଆମେରିକାରେ
ଇଞ୍ଜିନିୟରିଂ ସରିଗଲା ପରେ
ଝିଅଠୁ ବଡ଼ ପୁଅ
ଦାୟୀତ୍ୱହୀନ ସିଏ
ଗଲାଦିନୁ ବାପାମାଆଙ୍କ କଥା

ଟିକିଏ ବି ପଡୁନାହିଁ ମନେ
ଦରଦ ନାହିଁ ଜମା
ତା' ହୃଦୟରେ ।

ଝିଅତ  କରିଛି ଚାକିରି
ସିନିୟର ମ୍ୟାନେଜର ଏବେ
ମଲଟିନ୍ୟାସନାଲ କମ୍ପାନୀରେ
ବୟସ ହେଲାଣି ତିରିଶରୁ ବେଶୀ
ବାହାଘର କଥା କହିଲେ ତା'ର
ଏଡ଼ାଇ ଯାଏ ସେ
ଠୋସ୍ କରିଦିଏ ମନା
ବାପାମାଆଙ୍କ ମୁହଁରେ ।

କେତେଦିନ ଥିବ ଅଭିଆଡି  ?
ସମୟ ଯାଉଛି ଗଡ଼ି
ବୟସ ବଢୁଛି ତା'ର
ସିଏତ ଗଢ଼ିବ ପୁଣି
ତା' ନିଜ ସଂସାର
ବାପାମାଆଙ୍କ ପାଇଁ ଆଉ କେତେଦିନ
ତା' ଜୀବନ ଦେବ ଜଳାଞ୍ଜଳି
ନିଜକୁ ଏକୁଟିଆ କରି।
କେମିତି କାଟିବ ଅବଶିଷ୍ଟ ଜୀବନ
ତାଙ୍କ ଅବ ର୍ମାନରେ
ହୁଏ ନାହିଁ ନିଦ ସେମାନଙ୍କୁ ରାତିରେ
ଝିଅ ଭବିଷ୍ୟତ ଚିନ୍ତା ତ ତାଙ୍କର
ଜୀବନ ସାଥୀଟିଏ ତା'ର ଦରକାର ।

କହିଲେ ସୁଧାକାର ବାବୁ
ପରଶମଣିଙ୍କୁ ଶୁଣାଇ
ଏଥର ଆସିଲେ ଝିଅ
ତାକୁ କହିବ ବୁଝାଇ
ରାଜି ହେଉ ସେ ବାହାହେବା ପାଇଁ
ବାପାମାଆ ତ ନୁହଁନ୍ତି ଅମର
ବ୍‌ଥିବେ କି ସବୁଦିନ ପାଇଁ ?

ଘରେ ଏଇ ଆସି ପହ୍‌ଲା ଝିଅ
ସୁକନ୍ୟାକୁ ଦେଖି
ଆନନ୍ଦରେ ଗଦ୍‌ଗଦ୍ ବାପାମାଆ
ଆଖିରୁ ଝରୁଥିଲା ତାଙ୍କର
ଆହ୍ଲାଦର ଲୁହ
ଝିଅ ବି ପାରିଲାନି ରୋକି
ତା' ଲୁହଧାରକୁ
ତା' ଅନ୍ତରର କୋହ
ମମତାରେ ଭିଜା ଏ ଜୀବନ
ଏତ ମମତାର ମୋହ ।



# ଅପାଲୋ

ଅପାଲୋ !
ମୋତେ ଜନ୍ମ ଦେଇ
ବୋଉ ମରିଗଲା ବେଳେ
ତୁ ହୋଇଥିଲୁ ମାତ୍ର ଦଶବର୍ଷର
କୋଳକୁ ପାଛୋଟି ନେଲୁ
ମୋତେ ତୁ ଆଦରି ନେଲୁ ।
ଦୁଷ୍ଟ ହେଉଥିଲି ମୁଁ
ଆକଟ କରୁଥିଲୁ ।
ତୋ ଫଣଫଣ ମୁହଁ
ଆଉ ନାଲି ଆଖି ଦେଖି
କେତେ ଡ଼ରୁଥିଲି ତୋତେ ?
ଏ ବୟସେ ଆଜି
ସେ ସବୁକଥା ଭାରି ମନେ ପଡ଼େ
ରହି ସୁଦୂର ଆମେରିକାରେ
ମନ ହୁଏ ଆଜି ଥାଆନ୍ତି କି ଏବେ
ମୁଁ ତୋରି ପାଖରେ ।

ଜୀବନର ଷାଠିଏଟି ପାହାଚ
ଅତିକ୍ରମ କଲାପରେ
ନିଜକୁ ନିଜେ ଖୋଜି
ନ ପାଇଲା ପରେ
ନିଜର ଅସ୍ତିତ୍ୱ ଖୋଜୁଛି ମୁଁ
ଏଠି ପର ଇଲାକାରେ
ବୃଥାଟାରେ ।

ଗାଁ ଛାଡ଼ି ଆସିଥିଲି
ଅୟସ ଆରାମରେ ଡୁବିଗଲି
ଧୁମ ପଇସା ରୋଜଗାର କରି
ସମସ୍ତଙ୍କୁ ଭୁଲିଗଲି ।
ପିଲାମାନେ ଏଠି ଏ ସଭ୍ୟତାରେ
ପୁରାପୁରି ଅଭ୍ୟସ୍ତ
ତାଙ୍କର ଏଠା ଛାଡ଼ି ଯିବାପାଇଁ
ମୋଟେ ମନ ନାହିଁ
ମୋ ମନ ମୋଟେ ଏଠି ଲାଗୁନାହିଁ
ଏବେ ଏ ଇଲାକା ଲାଗୁଛି ଅଶାନ୍ତ
ମୁଁ ବଡ଼ ଅସ୍ତବ୍ୟସ୍ତ ।

ଅପାଲୋ !
ଠିକ୍ କରିଛି ଫେରିଯିବି
ମୋ ଗାଁକୁ ଯିବି ଚଲି
ଶାନ୍ତିର ନିଶ୍ୱାସ ମାରିବି ବୋଲି
ଅବଶିଷ୍ଟ ଜୀବନ କାଟିବି ମୁଁ
ମୋ ଗାଁ ଶାନ୍ତ ସୁଲଳିତ ବାତାବରଣରେ
ମୋ ଗାଁ ମାଟିର କୋଳରେ ।

ମାତୃହୀନ ବୋଲି ଭାବିବାକୁ ଦେଇନାହୁଁ
ପିଲାବେଳେ ଦେଇଥିଲୁ ଆଶ୍ରା
ତୋ ପଣତ କାନି ତଳେ
ମାଆ କଥା ମନେ ନାହିଁ
ତୁ'ତ ମୋ ମାଆ
ତୋ କଥା ଭାରି ମନେ ପଡ଼େ
ପଡୁଥିବ ଜୀବନ ସାରା
ଏବେବି ଏ ବୟସରେ
ଖୋଜୁଛି ମୋ ମାଆକୁ
ତୋରି ପଣତ କାନିତଳେ
ପାଇବାକୁ ମାଆର ଆଶରା ।

❖❖❖

# ପାଉଁଶ

ମୋ ମା' କୋଳରୁ ଜନ୍ମ ନେଲାପରେ
ଦେଖିଲି ମୋ ମା'ର ମୁହଁକୁ
ଆଉ ମୋ ଏନ୍ତୁଡ଼ିଶାଳର ନିଆଁକୁ
ତା' ଧାସରେ ହେଲି ଉଦ୍ଭାସିତ
ପାଇଥିଲି ଜୀବନରେ ଚାଲିବାର ପଥ ।
ଦେଖିଲି ବିଶାଳ ଆକାଶଟିଏ
ହେଲାପରେ ଟିକେ ବଡ଼
ମୋ ମଥା ଉପରେ
ଗୋଟିଏ ପରିବ୍ୟାପ୍ତ ମାଟିର ଚଟାଣ
ମୋ ପାଦତଳେ ।
ଆମ ସମସ୍ତଙ୍କୁ ଯିଏ ଧରିଥିଲା ଯାବୋଡ଼ି
ସେଇ ଏକା ମୋ ପୃଥିବୀ ମୋ ମା' ପରି ।

ମା'ଠାରୁ ଜାଣିଥିଲି
ଏଠି ସୂର୍ଯ୍ୟ, ଚନ୍ଦ୍ର, ଆକାଶ ଓ ପୃଥିବୀ ପରି
ଭଗବାନ ବି ଏକ ଆଉ ଅଭିନ୍ନ
ସେ ଥାଆନ୍ତି ସମସ୍ତଙ୍କ ମନ ଆଉ ଶରୀରରେ
ନ ଥାଏ ତାଙ୍କର ଜାତି, ଧର୍ମ ଓ ବର୍ଣ୍ଣ ।
ରହିରହି ସମାଜ ଭିତରେ
ସମାଜରୁ ପାଇଲି ସନ୍ଦେଶ
ଧର୍ମର ନାଁରେ ଧର୍ମକୁ ଆଖିଠାର ମାରି
ନେତା ନାମ୍ନୀ ବିଧର୍ମୀ ବଡ଼ପଣ୍ଡା ମାନେ
ରାଜନୀତିର ପଶାପାଲିରେ
ଖେଳୁଛନ୍ତି ହୋଲି ଜନତାଙ୍କ ରକ୍ତରେ
ନିଜର ସ୍ୱାର୍ଥରେ ।

ଭଗବାନଙ୍କୁ ଭାଗଭାଗ କରି
କୃଷ୍ଣ, କ୍ରୀଷ୍ଟ ଓ ଆଲ୍ଲାଙ୍କ ନାଁରେ
ଲୁଟୁଛନ୍ତି ଗରିବ, ଗୁରୁବା ଜନତାଙ୍କୁ
ପାଳିକରି ।

ଖଣ୍ଡିଏ ଛିନ୍ନବାସ ଗଣ୍ଡିଏ ଭାତ ଓ ଛାତଟିଏ
ଏଠି ଯେଉଁ ଜନତାର ସ୍ୱପ୍ନ
ସେ ସ୍ୱପ୍ନକୁ ଭାଙ୍ଗି ସେମାନଙ୍କୁ ବା ୁଛନ୍ତି
ହିଂସା, ଈର୍ଷା ଆଉ ବିଦ୍ୱେଷର ଧର୍ମ ।

ହେ ବଡ଼ପଣ୍ଡା ମାନେ !
ବନ୍ଦକର ଏଠି ରକ୍ତର ହୋଲି
ଏ ଆକାଶକୁ ଦିଅ ଚିରି
ଏ ଧରାକୁ ଦିଅ ତାଡ଼ି
ଏ ଜହ୍ନକୁ ଦିଅ ଫାଡ଼ି
ଏ ସବୁକୁ ଦିଅ ବା ି
ସବୁ ବିଧର୍ମୀଙ୍କ ହାତେ
ଖେଳ ନାହିଁ ଏଠି ଆଉ
ନିରୀହ ଜନତାଙ୍କ ସାଥେ
ଅସମ୍ଭବକୁ ସମ୍ଭବ ଯଦି ନ ପାରୁଛ କରି
ଜାଳିଦିଅ ଏ ପୃଥିବୀକୁ
ଦିଅ ଧ୍ୱଂସ କରି ।

ଏନ୍ତୁଡିଶାଳର ନିଆଁକୁ
ପାଉଁଶରେ କର ପରିଣତ
ପାଉଁଶ ଗୋଟିଏ ନାମରେ
ହେବା ଆମେ ପରିଚିତ
ପାଉଁଶ ସ୍ତୁପରୁ ହେଉ ନୂତନ ସୃଷ୍ଟି
ମାନବ ଜାତିର ନୂଆ ଧର୍ମ ନୂଆ ତ ୍ୟ ।

# ଅନୁରାଧା

ରାଧା ନୁହେଁ ମୁଁ ଅନୁରାଧା
ସ୍ୱାମୀ ମୋର ଚନ୍ଦ୍ରଶେଣା
ମୁଁ ନୁହେଁ କୃଷ୍ଣର ପ୍ରେମିକା
ମୋ ଜୀବନେ ମୁଁ ଏକା ଏକା ।
କାଳର ସ୍ରୋତରେ କାଟୁଛି ଜୀବନ
ଦୋଷ ନ ଦେଇ ଭାଗ୍ୟକୁ
ପୂର୍ବଜନ୍ମ ସୁକୃତ ଫଳ ନାହିଁ ମୋର
ବୁଝାଇ ଦେଇଛି ନିଜକୁ ।
ବୁଝେ ନାହିଁ ଅବୁଝା ଯୌବନ
ବେଳେବେଳେ ମନ ହୁଏ ଆନମନା
ଜାଗେ ସଂପର୍କ ବାସନା
ହିନ୍ଦୁ ନାରୀ ମୁଁ
ଏକ ପତିବ୍ରତ ନେଇଛି ଜୀବନେ
ସଂଯମତା ରକ୍ଷାକରି
ନିଜକୁ କରୁଛି ସାମନା ।

ଅନୁରାଧା ମୁଁ
ପ୍ରୀତି ରାଗ ଓ ଅନୁରାଗ
ଭରିଛି ହୃଦୟେ
ବା ିବାକୁ ପ୍ରାଣ ମୋର
ହୁଅଇ ଉଚ୍ଛନ୍ନ
ଦୟା, ପ୍ରେମ, ସ୍ନେହ ଆଉ ସରାଗ
ସମସ୍ତ ଏକାକାର
ମୋତେ କରନ୍ତି ଆଚ୍ଛନ୍ନ
ରାଧା ପାଇଁ ଜୀବନଟା
ଥିଲା ଅତିହିଁ ସୁନ୍ଦର ।

କୃଷ୍ଣମୟ ରାଧାର ଜୀବନ
କେତେ ଯେ ସରଳ
କୃଷ୍ଣପ୍ରେମ ରାଧାକୁ କରିଲା ପାଗଳ
କୃଷ୍ଣ ପାଇଁ ଦିବାନିଶି
ଥିଲା ସେ ବିଭୋର ।
ଅନୁରାଧା ରାଧା ନୁହେଁ
ଏକାକୀ ସୈନିକ ଜୀବନ ଯୁଦ୍ଧରେ
କରିଛି ମୁଁ ପଣ
ମାନିବାକୁ ପରମ୍ପରା ସମାଜ ବନ୍ଧନ ।
କୃଷ୍ଣ ନାମ ମୋ ତୁଣ୍ଡରେ
ପାପର ପ୍ରୟାସ
କୃଷ୍ଣ ସଂଗ ମୋ ପାଇଁକି
ଜୀବନର କ୍ଲେଶ
କୃଷ୍ଣ ପ୍ରେମ ମୋ ପାଇଁକି
କଳଙ୍କର ଟିକା
ଚନ୍ଦ୍ରଶେଣା ମୋ ମଥାର
ସିନ୍ଦୁର ଟିପା ।

ଏଇ ସେଇ ଚନ୍ଦ୍ରଶେଣା
ଅନୁରାଧା ଜୀବନକୁ ବୁଝି ଯେ ପାରେନା
କି ହେବ ଏତେ, ସ୍ନେହ, ସରାଗ, ଅନୁରାଗ
ରଖି ମୁଁ ସାଇତି ?
ବା ିଦେବି ଅକାତରେ ପରପାଇଁ
ମାନିବିନି
ରଂଗଭେଦ ଜାତି ଓ ଅଜାତି ।

ଓରିମାନା ମନର ମେ ।ଇବି
କୋଳେଇ ନେଇ
ଅନାଥ ଶିଶୁଙ୍କୁ
ସ୍ନେହ ଶ୍ରଦ୍ଧା ସରାଗ ଅନୁରାଗ
ସବୁକିଛି ବି ୍ଦେବି
ତାଙ୍କରି ହିତକୁ ।
ସ୍ୱାମୀ ମୋର ଚନ୍ଦ୍ରଶେଣା
ଭଲରେ ରହୁ
ମୋ ଶଙ୍ଖା ସିନ୍ଦୁର
ସଦା ମୋର ଝଟକୁ ଥାଉ ।



# ତୁମକୁ ଭେଟିଲା ପରେ

କୃତାର୍ଥ ହୋଇଲା ଜୀବନ ମୋର
ତୁମକୁ ଭେଟିଲା ପରେ
ଅନେକ ଦିନରେ
ମନେ ହେଲା
ନିଶ୍ଚୟ ଅଛନ୍ତି ଠାକୁର
ଏ ଦୁନିଆରେ ।
ହଜିଲା ପ୍ରେମକୁ ମୋର
ଭାବି ନଥିଲି ପାଇବି ମୁଁ
ମୋ ନିଜ ପାଖରେ
ଏତେ ନିକଟରେ
ଏତେ ଦିନ ପରେ
ଠାକୁରଙ୍କ ଦୟାରେ ।

ହଜିଥିଲା ପ୍ରେମ ମୋର
ତିନି ଦଶନ୍ଧି ତଳେ
କଳୁଷିତ ଜାତିପ୍ରଥା ଆଉ
ସମାଜର ତାଡ଼ନାରେ
ପୀରତି କାନ୍ଦିଥିଲା ସକେଇ
ପଡ଼ିଥିଲା ବଳି
ଅସହିଷ୍ଣୁ ନିଷ୍ଠୁର ସମାଜ
ଯୁପ କାଠରେ ।
ସେ ସମାଜ ଗଲାଣି ବଦଳି
ଯୌବନଟା ବି ଯାଇଛି ଝାଉଁଳି
ସମୟଟା ଗଡିବି ଗଲାଣି
ହେଲେ ମନ କିନ୍ତୁ ଅଛି
ପୂର୍ବଭଳି ।

ସେଦିନ ସେ ମୁହଁ ସଞ୍ଜବେଳେ
ତୁମକୁ ଭେଟିଲା ବେଳେ
ଦେଖିଲି
ତୁମେ ବସିଥିଲ ଚାହିଁ
ମୋ ଆସିବା ବାଟକୁ ଅନାଇଁ
ଆଗରୁ ଖବରଟା ପାଇ
ଯେବେ ଉଭାହେଲି ମୁଁ
ତୁମରି ଆଗରେ
ଚାରିଚକ୍ଷୁ ମିଶିଗଲା ଆମ
କ୍ଷଣିକ ମଧ୍ୟରେ ।
ଅନେକ ଦିନର ଅବୁଝା ଅକୁହା କଥା
ଯେତେ ଯାହା ବନ୍ଦିଥିଲେ
ଆମରି ଭିତରେ
ସତେ ଅବା ଖଲାସ ହୋଇଗଲେ
ଆମ ଆଖିର ଲୁହରେ ।

ଜୀବନର ଅପରାହ୍ନେ
ଯୌବନଟା ଅବସର ନେଲା ପରେବି
ଅନୁଭବ କରୁଥିଲି ଯେପରି
ଶୋଣିତର ସ୍ରୋତ ଛୁଟୁଥିଲା
ବିଜୁଳି ବେଗରେ
ଆମରି ଭିତରେ
ଆମ ଭେଟାଭେଟି ପରେ ।
ହେଲେ
ଏ ମିଳନର ପର୍ବ
ସମାହିତ ହେଲାଖାଲି
ଆଖିରେ ଆଖିରେ
ନୟନ ବାରିରେ
ବୟସର ଋପ ସାଜିଲା ବଇରୀ
ଆମ ଶରୀରରେ ।

ବିଗତ ଦିନର ସମାଜ
ଅଧୁନା ଆମରି ବୟସ
ଲାଗିଲା ଏକଭଳି
ସାଜିଲେ ବଇରୀ
ଆମ ମିଳନରେ ।

ପ୍ରିୟା ମୋର !
ଏବେବି ଏ ବୟସେ
ଭାବି ନଥିଲି
ତୁମେ ମୋତେ ଏତେ
ଭଲ ପାଉଥିବ ବୋଲି
ପ୍ରମାଣିତ କରିଦେଲ ରାଣୀ
ତୁମ ନୟନ ପଖାଳି ।

ମୁଁ ବୁଝିଲି ଏବେ
କୃତାର୍ଥ ହୋଇଛି
ଜୀବନ ଆମରି
ଏ ବୟସରେ
ପ୍ରେମ ଯେଣୁ ଯାଇ ନାହିଁ ମରି
ଆମରି ଭିତରେ
ଏଇ ଜନମରେ
ଏହି ଆଶ୍ୱାସନା ରଖି ସଖି
କାଟିଦେବା ଜୀବନଟା ବାକି
ପୁଣି ମିଶିବାକୁ
ଆର ଜନମରେ
ନୂଆ ଶରୀରରେ ।

❖❖❖

# ଆଶା ଆଶଙ୍କା

ମୋ ଗାଆଁକୁ ମୁଁ ପାଉନି ଖୋଜି
ସରକାରଙ୍କର ନଥିପତ୍ର ଖାତା ଖତିଆନ୍‌ରେ
ମୋ ଗାଁ ନାଁ ଯାଇଛି ହଜି
ମୋ ଗାଁ ମାଟି ଯାଇଛି ମିଶି
ନୂଆ ହୋଇ ଗଢ଼ି ଉଠୁଥିବା
ଷ୍ଟିଲ ସହରରେ ।
ଆମେ ଏବେ ଗ୍ରାମବାସୀ ଶରଣାର୍ଥୀ
କମ୍ପାନୀର ଅସ୍ଥାୟୀ ଶିବିରରେ ।

ଉଜାଡ଼ି ଦେଇଛି କମ୍ପାନୀ ଆମର
ଝାଡ଼ି ଜଙ୍ଗଲ କିଆବଣ ତାଳ
ଆମ୍ବ ପୁନାଙ୍ଗ ସାହାଡ଼ା ଜାମୁଡ଼ଳ
ବାଶଙ୍ଗ ବେଗୁନିଆଁ ଗବର ବାଡ଼
ବର ଓସ୍ତ ଆଉ ଗଛ କେତେ ବଡ଼ ବଡ଼
ଧ୍ୱଂସ ପାଇଛି ଶାଗୁଆ ଧାନବିଲ
ପାନବରଜ ଆମ ଭିଟାମାଟି ଘର ଦୁଆର ।

ସପନ ଛି ୍ଛି କମ୍ପାନୀ ଆମରି ଆଖିରେ
ଆଖି ଥାଇ ଅନ୍ଧ ଆମେ ଗ୍ରାମବାସୀ
ରାଜନୀତିଆଙ୍କ ଫନ୍ଦି ଫିସାଦରେ
ତଥାପି ବାନ୍ଧିଛୁ ଆଶା ବା ିବାକୁ
ବାସ୍ତବତା ଆମ ପରପିଢ଼ି ପିଲାଙ୍କ ଭିତରେ ।

ଗ୍ରାମବାସୀ ଆମେ ଋଷି ମୂଲିଆ
ବୁଣୁଥିଲୁ କାଟୁଥିଲୁ କୁଟୁଥିଲୁ ଖାଉଥିଲୁ
ନଥିଲୁ କାହା ଅଧିନରେ
ଶୋଉଥିଲୁ ସୁଖର ନିଦ୍ରାରେ ।

ଆଶା ତ ବୈତରଣୀ ନଦୀ
ଲମ୍ବିଛି କାହିଁ କେତେ ଦୂରେ
ସପନ ଯାଉଛି ହଜି
ସମୟ ସାଥିରେ ।
ରାଜନୀତି ସରକାର ଆଉ କମ୍ପାନୀ
ଲାଗିଛନ୍ତି ଟଣା ଓଟରାରେ ।
ପା ବର୍ଷ ପୁରିବାକୁ ଅଛି
କିଛିଦିନ ବାକି
ଷ୍ଟିଲ ପ୍ଲା ର ଦେଖା ନାହିଁ
ଗାଁଆକୁ ହଜାଇ ଗ୍ରାମବାସୀ ଆମେ
ଏବେ ବି ରହୁଛୁ ଅସ୍ଥାୟୀ ଠିକଣାରେ
ଆଶା ଆଶଙ୍କା ଭିତରେ
ଅନାଗତ ଉଜ୍ୱଳ ଭବିଷ୍ୟତ
ଗଢ଼ିବା ଆଶାରେ ।
ସମୟ ସମୟର କଥା
ଜଣାନାହିଁ କ'ଣ ଲେଖାଅଛି କେଜାଣି
ଆମରି ଭାଗ୍ୟରେ ?

# ବ ୍ବାର ମନ୍ତ୍ର

ଦେବ ଦୁର୍ଲ୍ଲଭ ଏ ମଣିଷ ଜୀବନ
ଅନନ୍ତ ତପସ୍ୟାର ଫଳ
ଅତି ସ୍ୱଳ୍ପ ମାତ୍ର ତା' ସମୟ
ଜନ୍ମରୁ ଆରମ୍ଭ ଏ ଜୀବନ
ମୃତ୍ୟୁରେ ବିଲୟ ।
ତଥାପି ଯାଇନି ଥକି ଏ ମଣିଷ
କରିବାକୁ ତା ଜୀବନ ସରଳ ସୁନ୍ଦର
ମହତ୍ୱପୂର୍ଣ୍ଣ ଗୌରବମୟ
ଅମୃତମୟ ସୁଖମୟ ସ୍ୱତନ୍ତ୍ର ।

ଏ ଜୀବନେ ଦୁଃଖ ଅଛି ସୁଖ ଅଛି
ଜରା ଅଛି ବ୍ୟାଧି ଅଛି
ତଥାପି ବ ୍ଛି ମଣିଷ
ଏହା ସୂର୍ଯ୍ୟ ଚନ୍ଦ୍ର ଭଳି ସତ୍ୟ
ଅହରହ କରୁଛି ସଂଗ୍ରାମ
ଯୁଝୁଛି ଜୀବନ ସାଥିରେ
ଖୋଜୁଛି ସୁଖରେ ବ ୍ବାର ପଥ ।


ସମସ୍ୟା ବହୁଳ ଏ ଜୀବନ
ଯେ କରୁଛି ସାମନା
ସେ ହିଁ ନାୟକ
ଡ଼ରିଯାଏ ଯିଏ ଦିଏ ପଛଘୁ ।
ସେତ ପଳାତକ ।

ପ୍ରତିଦ୍ୱନ୍ଦିତା ପ୍ରତିଯୋଗିତା
ଆଧୁନିକ ଯୁଗର ଲକ୍ଷଣ
ମଣିଷ ଜୀବନରେ ଦେଇଛି ଭରି
ଅବସନ୍ନତା, ଅସନ୍ତୋଷ
ଅଶାନ୍ତିର ବାତାବରଣ
ସୁଖ ସୁବିଧା ଥାଇବି ଅସୁଖୀ ମଣିଷ
ଭୋଜନ ସାମଗ୍ରୀ ଥାଇବି
ହୁଏ ନାହିଁ ଭୋକ
ବିଳାସମୟ ପ୍ରାସାଦରେ ହଜିଯାଏ ସୁଖ ନିଦ୍ରା
ମନେ ଯଦି ଥାଏ ଭରି
ଚିନ୍ତା ଆଉ ଦକ ।

ସୁଖ ଏଠି ଠିଆ ହୋଇଥାଏ
ଦୁଃଖର ପିଠିରେ
ଦୁଃଖକୁ ଗଣ୍ଠିଲିରେ ବାନ୍ଧି
ଏ ମଣିଷ ଦୌଡୁଥାଏ
ଦୁଃଖର ସାଥିରେ
ସୁଖ ସାଉଁଟିବା ପାଇଁ
ଆଖିଠାରି ଡ଼ାକୁଥାଏ ସୁଖ
ଅପହ  ଦୂରତାରେ ଥାଇ ।

ଅବୁଝା ଏ ମଣିଷ
ବୁଝିପାରେ ନାହିଁ
ପ୍ରଜାପତି ଡ଼େଣା ନେଇ
ଜନ୍ମ ହେଲା ପରେ ବି ପୁଣି
ସଅଁବାଳୁଆ ହୁଏ ସିଏ କାହିଁ ?

ଅଥଚ
ଦେହରେ କ ।ବିଷ ଧରି
ଜନ୍ମ ହୋଇଥିବା ସଅଁବାଳୁଆ
କେମିତି
ଉଡ଼ିଯାଏ ପ୍ରଜାପତି ରୂପ ନେଇ ।
ସୁଖ ଏଠି ମରିଚୀକା
ଦୌଡ଼ ନାହିଁ ଆଉ କାହାପଛେ
ମୁକ୍ତାସମ ଥାଇ ଶାମୁକା ଭିତରେ
ସୁଖକୁ ଖୋଜିବାକୁ ହେବ
ନିଜ ମନ ଆଉ ହୃଦୟରେ
ସୁଖତ ଆମର ଜନ୍ମଗତ ଅଧିକାର
ଡ଼ରନାହିଁ ହୁଅ ନାହିଁ ପଳାତକ
ହାସଲ କର ଏ ସୁଖକୁ
ଶିଖିଯାଇ ସୁଖେ ବ ୍ବାର ମନ୍ତ୍ର
ତମେ ତ ନାୟକ ।



# ନିଷ୍ଠା

କୁରୁକ୍ଷେତ୍ର ଧର୍ମକ୍ଷେତ୍ର
ବିଭିଷିକା ମୟ ମହାଭାରତ ଯୁଦ୍ଧର
ଅନ୍ତ ହେଲାପରେ
ହିଂସା ଦ୍ୱେଷ ଅନୀତି ଅରାଜକତାର
କୁରୁକୁଳ ଧ୍ୱଂସ ପାଇଗଲା
ଏ ମେଦିନୀ ଶାନ୍ତ ହେଲା ।
ଜୀବନର ଅନ୍ତିମ କ୍ଷଣରେ
ପାଣ୍ଡବମାନେ ହିମାଳୟ କରୁଥିଲେ ଯାତ୍ରା
ମୃତ୍ୟୁର ସଂଧାନରେ
ସ୍ୱର୍ଗପ୍ରାପ୍ତିର ଲକ୍ଷ୍ୟରେ ।

ମ୍ରିୟମାଣ ଗାଣ୍ଡିବଧାରୀ ଅର୍ଜୁନ
ମନ ମଧ୍ୟ ଦ୍ୱନ୍ଦର ପରିପ୍ରକାଶ
ମନ ମଧ୍ୟ ହୁଅଇ ଅଥୟ
ପଚାରିଲେ ସଖା ଶ୍ରୀକୃଷ୍ଣଙ୍କୁ
କରିବାକୁ ଦୂର ମନର ସଂଶୟ ।

ଦୁର୍ଯୋଧନ ପରମଶତ୍ରୁ
ଅତ୍ୟାଚାରୀ ନିଷ୍ଠୁର ଅବିବେକୀ
ଅଧର୍ମର ଉପାସକ
କରିଥିଲେ ଉପଭୋଗ ରାଜସିଂହାସନ
ଆଜୀବନ ମୃତ୍ୟୁ ପର୍ଯ୍ୟନ୍ତ
ଅସାଧୁ ଅପାଳକ ।

ଅନ୍ୟପକ୍ଷେ
ନୀତିନିଷ୍ଠ ବିବେକୀ ସହୃଦୟୀ
ପାଣ୍ଡବ ପା ଭାଇ
ସହି ଅସହ୍ୟ ଦୁଃଖ ଯନ୍ତ୍ରଣା
ତପସ୍ୱୀର ମନ ଆଉ ଦେହ ବୋହି
ଆତ୍ମୀୟ ସ୍ୱଜନଙ୍କୁ ହରାଇ
ଶତ୍ରୁଙ୍କୁ ନିପାତ କରି
ଧର୍ମ ଯୁଦ୍ଧ ଜୟ କରି ମଧ୍ୟ
ନିଜ ବଳିଦାନେ ନିବୃ  ହେଲେ
କରିବାକୁ ରାଜଭୋଗ
କିପାଇଁ ପଡ଼ିଲା ପୁଣି
କରିବାକୁ ଦେହତ୍ୟାଗ ?

ଯଦୁପତି ଶ୍ରୀକୃଷ୍ଣ ଉ  ରରେ
ସଖା ଅର୍ଜୁନଙ୍କୁ କହିଲେ ବୁଝାଇ
ନିଷ୍ଠା ହିଁ ଏକମାତ୍ର ଗୁଣଦାୟୀ
ଆମ ସମସ୍ତଙ୍କ ପାଇଁ ।

ଦୁର୍ଯ୍ୟୋଧନ କୁଚକ୍ରୀ ଖଳମତି
ତା'ର ନଥିଲା ପାପପୁଣ୍ୟର ବିଚାର
ନଥିଲା ଚିନ୍ତା ବଂଶନାଶର
ଏକମାତ୍ର ଚିନ୍ତା ଏବଂ
ଅଦମ୍ୟ ନିଷ୍ଠା ଥିଲା ତା'ର
ନିଷ୍କ  କ ରାଜମୁକୁଟ ଏବଂ
ରାଜ୍ୟଭୋଗ ଲାଳସାର ।

ପାଣ୍ଡବ ପା ଭାଇ ତୁମେ
ମାନବୀୟ ମୂଲ୍ୟବୋଧର ରକ୍ଷକ
ପାପପୁଣ୍ୟର ବିଚାରକ
ତପସ୍ୱୀ ଜୀବନେ
ତପସ୍ୟା ଜନିତ ପୁଣ୍ୟ ପ୍ରତିଷ୍ଠା
ଏକ ମାତ୍ର ନିଷ୍ଠାଥିଲା ତୁମର
ତପସ୍ୱୀ ଭାବେ ଶରୀର ତ୍ୟାଗ
ସ୍ୱର୍ଗ ଲାଭ ହିଁ ଅନ୍ୟତମ ଫଳ
ସେହି ନିଷ୍ଠାର ।

ନିଷ୍ଠାବାନ ବ୍ୟକ୍ତି
ହୁଏ ଫଳପ୍ରାପ୍ତି
ତା' ନିଷ୍ଠାର ପ୍ରକାର
ପାପପୁଣ୍ୟର ଏଥିରେ
ନ ଥାଏ ବିଚାର ।



# ପାଗଳା

ଏପଟେ ରଥ ସାହିର ସୀମା ସରିଛି
ଆରପଟେ ମାଉସୀ ମା ମନ୍ଦିରର ଘାସ ଗାଲିଚ
ଏ ଦୁହିଁଙ୍କ ମଝିରେ ଫ୍ଲାଇଓଭରର
ଶେଷଭାଗ ଛୁଇଁଛି ଯେଉଁଠି
ତା କଡ଼କୁ ରାସ୍ତା କଡ଼ର ଖୋଲାଚଟାଣ
ପାଗଳାଟିଏ ଶୋଇଥାଏ ସେଇଠି ।

ସକାଳୁ ନିତିଦିନ
ମର୍ଣ୍ଣିଙ୍ଗ ୱାକ୍‌ରେ ମୁଁ ଗଲାବେଳେ
ଦେଖେ ତାକୁ ଶୋଇଥାଏ
ଗହମ ନିଦରେ
ପ୍ରାୟ ଭୋର ପା ଟାରେ ।
ଦୁଇଘ । ପରେ ଫେରିଲା ବେଳକୁ
ଦେଖେ ତାକୁ ଚଳଚ ଳ
ହାତରେ ଖଡ଼ିଧରି
କ'ଣ ଯେ ଗାରଉ ଥାଏ
ସିଏ ଜାଣେ କେବଳ ।
ଲେଖାଥାଏ କେତେବେଳେ
ଆଲଜେବ୍ରାର ସମାଧାନର ସୁତ୍ର
କେମିଷ୍ଟ୍ରି ଫିଜିକ୍ସର ଫର୍ମୁଲା
ପୁଣି କେତେବେଳେ ଆଉ କ'ଣ
ମୋ ପାଇଁ ହୋଇପାରେ ଅବୁଝା
ଗାଣିତିକ ସମସ୍ୟାର ଫଳ ।

ପୁଣି ଲେଖେ ବେଳେ ବେଳେ
ଇଂରାଜୀରେ ବଡ଼ ବଡ଼ ବାକ୍ୟ
କଠିଣ ଶବ୍ଦର ସମାହାର
ଭାବୁଛି ମୁଁ ସିଏ ନିଶ୍ଚେ ବୁଝୁଥିବ
ହେଲେ ସେ ସବୁ
ମୋ ବୁଝିବା ବାହାର ।

ମୁଣ୍ଡରେ ତା'ର ନୁଖୁରା ଗହଳିଆ
ଅଜଟିଆ କେଶରାଶି
ଧୂଳି ବିମଳିନ ଶରୀର
ଜୀର୍ଣ୍ଣ ଦେହବାସ
ଶୀର୍ଣ୍ଣ ମୁଖେ ଦାରିଦ୍ର୍ୟର
ବିଶଦ ବିଳାସ ।
ପାଉଁଶିଆ ଦେହେ
ଦରପାଚିଲା ଲମ୍ବା ନିଶ ଦାଢ଼ି
ଛିଣ୍ଡା ତାଳିପକା କମିଜି ଓ ପ୍ୟା
ଦେଢ଼ଫୁଟିଆ ଲମ୍ବା ଡ଼ୋର ଲମ୍ବିଥାଏ
ତା' ଗୋଡ଼ତଳକୁ
ବେଳେବେଳେ ପଡୁଥାଏ ଝୁଁ
ମାଡ଼ିଦେଇ ନିଜେ ତା' ଡ଼ୋରକୁ ।

ଖରାଦିନେ ଗଡୁଥାଏ
ଖୋଲା ଚଟାଣରେ
ଶୀତ ଦିନେ ଜାକିଜୁକି ଶୋଇଥାଏ
ଫ୍ଲାଇଓଭରର ତଳିଆ କୋଣରେ
ବର୍ଷାଦିନେ ଦେଖା ସେ ଯାଏନା
ଯାଏ କୁଆଡେ କେଜାଣି

ବର୍ଷା ଛାଡ଼ିଗଲେ ହାଜର ହୁଏ ସେ
ତା'ର ସେ ଜାଗାରେ ପୁଣି ।
ବେଳେବେଳେ ହସୁଥାଏ କିରିକିରି
ବିନା କାରଣରେ
ଉଭଟ ସେ ହସ ତା'ର
ଥରେ ଥରେ ଦେଖେ ମୁଁ ତାକୁ
କାନ୍ଦୁଥାଏ ସକେଇ ସକେଇ
ଲେଞ୍ଜରା ଭରା ଆଖିରୁ
ବୋହୂଥାଏ ଲୁହ ଧାର ଧାର
ଇଏ ରାଜଧାନୀ ଭୂବନେଶ୍ୱର
ଓଡ଼ିଶାର ବଡ଼ ସହର
ଅନେକ ପାଗଳା ରହନ୍ତି ଏଠି
ହଜିବି ଯାଆନ୍ତି ଗହଳି ଭିତରେ
କିଏ ବା ରଖୁଛି କାହା ଖବର ।

ଅନିସନ୍ଧିସ୍ନୁ ମନମୋର
ବୁଝିଛି ପଚାରି ଏତିକି ତା' ଖବର
ପିତୃ ମାତୃହୀନ ବାଳକଟିଏ ସେ
ଏକ କୃତିଛାତ୍ର ଥିଲା ବିଶ୍ୱବିଦ୍ୟାଳୟର
ଉ ରୋ ର ଉନ୍ନତି ପାଇଁ
ଅଦମ୍ୟ ଚେଷ୍ଟା ଓ ଉତ୍ସାହ ଯୋଗୁଁ
ବିଦେଶ ଯାଇଥିଲା ଚାଲି
ଉଦ୍ଦେଶ୍ୟ ଲକ୍ଷ୍ୟ ହାସଲର
ବିଦେଶରୁ ଫେରିଲା ବେଳକୁ
ପାଗଳଟିଏ ସେ
କେହିବି ଜାଣନ୍ତିନି
ପାରନ୍ତିନି କହି କାରଣ ତାହାର ।

❖❖❖

# ଫୁଲର ବିଳାପ

ମୁଁ
ଫୁଲଟିଏ
ଫୁଟିଥିଲି ଫୁଲ ବଗିଚାରେ
ସବୁଜ ଘାସ ଗାଲିଚାରେ
ଜୁଡୁବୁଡୁ ହୋଇଥିଲି
ସକାଳର ସଦ୍ୟ ଭିଜା
କାକର ଟୋପାରେ ।
ବାଳ ସୂର୍ଯ୍ୟ ଦେଇଥିଲା ଢ଼ାଳି
ତା' ସୁନେଲି କିରଣ
ମୋ ରଙ୍ଗବେରଙ୍ଗ
ପାଖୁଡା ଉପରେ ।
ପିନ୍ଧାଇ ଦେଇଥିଲା
କାକର ଟୋପା ଖଚିତ
ମୁକ୍ତାମାଳ ମୋରି ବେକରେ
ସୂର୍ଯ୍ୟର ରକ୍ତିମ ଆଭା
ଦେଇଥିଲା ଭରି
କୁଙ୍କୁମ ଟିପା
ମୋ କାକର ଛିଟା
କପାଳ ଉପରେ ।

ମୁଁ ଖେଳୁଥିଲି ଦୋଳି
ଝୁଲୁଥିଲି ସମୀର ଝୁଲଣାରେ
ମୋ ଗଛ ଡ଼ାଳରେ
ସ୍ରଷ୍ଟା ବୋଧେ ପଡ଼ିଥିବେ ଭ୍ରମରେ
କିଏ ମୁଁ ବ୍ରହ୍ମାଣ୍ଡ ସୁନ୍ଦରୀ
କେମିତି ଜନ୍ମିଲି ଏଠି
ଏଇ ମର୍ତ୍ତ୍ୟ ମଣ୍ଡଳରେ ।

କାହିଁଥିଲା ଫୁଲର ରଙ୍କାଳୀ
ଚୁପିଚୁପି ପଶିଲା ଆସି
ବଗିଚା ଭିତରେ
ଡ଼େମ୍ପରୁ ଛିଣ୍ଡାଇ
ନେଇଗଲା ମୋତେ
ଭରିଦେଲା ଫୁଲ ଚାଙ୍ଗୁଡ଼ିରେ ।
ଜୀବନ ନେଲା ମୋର ଅକାଳରେ
ହତ୍ୟା କଲା ମୋ ଯୌବନରେ ।
ଠାକୁରଙ୍କ ଧାର୍ମିକ ଭକ୍ତ ଆଳରେ
ନିଜର ସ୍ୱାର୍ଥରେ ।

ବିଳାପ କରୁଛି ଆତ୍ମାମୋର
ଏବେ ଆରପାରେ
ଉଙ୍କିମାରେ ପ୍ରଶ୍ନ ମୋ ମନରେ
ଦେବତାକି ହୁଅନ୍ତି ପ୍ରସନ୍ନ
ଯୌବନରେ ଜୀବନ ନେବାରେ
ଅତ୍ୟାଚାରୀ ଫୁଲରଙ୍କାଳୀ
ପୂଜାର ଫୁଲରେ ?

କହିବ କି ହେ ପ୍ରିୟ ମୁରଲୀଧର
ମୀରାବାଇଙ୍କୁ କେମିତି
ଏତେ ଭଲ ପାଉଥିଲ
ବିନା ଫୁଲରେ ?
କେମିତି କରିଲ ଚକ୍ଷୁଦାନ
ସୁରଦାସଙ୍କୁ ବିନାଫୁଲେ
କି ଅବା ସ୍ୱାର୍ଥରେ ?
ନାରଦ ସୁଦାମା ବିଦୁର
ତୁମ ଭକ୍ତ ପ୍ରିୟଜନ
କିପରି ହେଲେ ଏତେ ପ୍ରିୟ
ତୁମ ପାଇଁ
ଫୁଲତ ସେମାନେ ଦେଇ ନଥିଲେ ?

ମୋ ବନ୍ଧୁ ମହୁମାଛି
ଭଅଁର ପ୍ରଜାପତି
ଆଜି ସାଥିହୀନ
ଆବେଗାତ୍ମକ ସଂପର୍କ
ତାଙ୍କ ସାଥେ ହୋଇଛି ବିଚ୍ଛିନ୍ନ
ମୋ ଅବର୍ତ୍ତମାନରେ
ପରାଗ ସଂଗମ ନୁହଁଇ ସମ୍ଭବ
ମୋ ବିନା ତୁମରି ସୃଷ୍ଟିରେ ।
ସୃଷ୍ଟିନାଶ ଅବଶ୍ୟମ୍ଭାବୀ
ସ୍ରଷ୍ଟା ଯଦି ରହନ୍ତି ମଉନ
ପୁଣି କେତେଦିନ
ଜାଣେନା କାହାର ସ୍ୱାର୍ଥରେ ।
ଫୁଲତ ମରୁଛି ମରୁଥିବ
ସବୁବେଳେ ସବୁଦିନେ
ତା ଯୌବନରେ
ବିନା ଦୋଷରେ ।

# ମୋ ଗାଁ ମାଟି

ସୁଦୂର ପରଦେଶେ
ରହି ଏତେ ବରଷ
ବୁଝୁନି ମନଟା ମୋର
ଲୋଡୁଛି ପାଇବାକୁ
ମୋ ଗାଁ ମାଟି ପରଶ ।
ଶୁଭୁଛି ମୋ କାନକୁ ତୁହାକୁ ତୁହା
ଗାଁ ମାଟିର ଡ଼ାକ
ଉଛନ୍ନ ମନ ମୋର ଯାଆନ୍ତି ଏ କ୍ଷଣି
ଦେଖନ୍ତି ମୋ ଗାଁ ଦୃଶ୍ୟପଟ ।
ଗୋଟି ଗୋଟି ସବୁ ଏ ବୟସେ
ମୋର ପଡୁଛି ମନେ
ସତେଜ ଅଛି ଘଟଣା ସବୁ
ଘଟିଛି ଯାହା ମୋ ପିଲାଦିନେ ।

ମନେପଡ଼େ ମୋ ଗାଁ କଥା
ମୋ ପିଲାବେଳ
ସାଙ୍ଗସାଥି ମେଳ
ନହୁଲୀ ଟାହି ଟାପରା ଭାଷା ।
ଗାଁ ଚଟଶାଳୀ ଗାଁ ବିଦ୍ୟାଳୟ
ମୋ ସହପାଠୀ ମୋ ପାଠପଢ଼ା
ଲହୁ ଲୁହାଣ କଳିତକରାଳ
କେତେ ଝଗଡ଼ା
ମୋ ସାଥି ପିଲାଙ୍କ ସାଥେ
କେତେ ଯେ ଖେଳ
କେତେ ମଉଜ ଆଉ ଖୁସିର ବେଳ ।

ମୋ ଜ୍ଞାତି କୁଟୁମ୍ବ ପରିଜନ
ବନ୍ଧୁ ବାନ୍ଧବ ମଣିଷ ପଣିଆ
ସ୍ନେହ ପ୍ରେମର ସଂପର୍କ
ଗୁରୁଜନଙ୍କର ଗେଲବସରିଆ
ମଧୁର ଡ଼ାକ ।

ମୋ ବୋଉ ହାତର ପଖାଳ
ଆଳୁ ବଡ଼ି ଚଟଣି ଶାଗ ଖରଡ଼ା
ପୁନେଇ ପର୍ବରେ ତା' ହାତ ଗଢ଼ା
ଆରିଷା କାକରା ସରୁ ଚକୁଳି
ଏଣ୍ଡୁରୀ ଛୁ୍ପତର ପୁରମଣ୍ଡା ।

ମୋ ଗାଁ ନଈପଠା ଚୁନାଚୁନା ସରୁବାଲି
ବାଡ଼ି ପୋଖରୀ ମାଛ ଜାଆଁଳ
ବଣ କୁକୁଡ଼ାର କନକନ ଚାଲି ।
ଗାଁ ଗୋହିରୀର ଶୁଆପକ୍ଷୀ ଧାନବିଲ
ଗାଁ ଚାରିପାଖ ମହମହ କିଆଫୁଲ
ନଈପଠାର କାଶତଣ୍ଡି ଫୁଲର ମେଳ
ଭୋଦୁଅ ଶ୍ରାବଣ ଗାଁ ସଡ଼କର
ଚିକିଟା ମାଟିର କାଦୁଅ ଘୋଳ ।
ମୋ ଗାଁ ଆମ୍ବଗଛେ କୋଇଲିର କୁହୁତାନ
ଅଶିଣ ଆକାଶର କୁଆଁର ପୁନେଇ ଜହ୍ନ
ଗୋଧୂଳି ସମୟେ ଚାଷୀଭାଇର
ବଳଦ ହଳ ଲଙ୍ଗଳ ସାଥେ
ଫେରିବାର ବେଳ
ନାଲି ଟୁକୁଟୁକୁ ଅଳତା ପାଦେ
ନୂଆ ବୋହୂ ପାଉଞ୍ଜିର ରୁଣୁଝୁଣୁ ସ୍ୱର ।

ନିଇତି ସଂଧ୍ୟାରେ ଗାଁ ମନ୍ଦିରରେ
ଆଳତୀ ହେବାର ବେଳ
ଭାଗବତ ଟୁଙ୍ଗିର ଭଜନ ଗାନକୁ
ଖୋଳ କରତାଳ ଖଞ୍ଜଣିମାଡ଼ ।

ମୋ ଜେଜେ ଆଇମାଙ୍କ
ଗାଁ ମାଟିର ମୋହ
ଜନମି ଯେଉଁଠି ମରିଲେ ସେଇଠି
ସେଇ ମୋ ଗାଁ ମଶାଣି ଜୁଇରେ
ତାଙ୍କ ମର ଶରୀରର ଦାହ ।

ଗାଁରେ ଜନମ ମୋର
ସେଇଠି ଅଛି ମୋ ଷଠିଘର
ଜୀବନର ଅନ୍ତେ
ମୋ ଗାଁ ମଶାଣି ଜୁଇରେ
ଜଳୁ ମୋ ମର ଶରୀର
ମୋ ଗାଁ ଠାରୁ ବଳି
ଏ ଜଗତେ ନାହିଁ କିଛି
ଅଧିକ ସୁନ୍ଦର
ମୋ ଗାଁ ମାଟି ମୋ ମାଆ
ମୋ ପାଇଁ ସବୁଠୁ ନିଜର ।

# ସହୃଦୟତା

ମୁଁ ସୁନ୍ଦରୀ
ବୟସ ଏବେ ଏକୋଇଶି ମାତ୍ର
ପିଲାଦିନୁ ଫଟାଥିଲା ହୃଦୟଟା ମୋର
ବ୍‌ବାର ଆଶା ଥିଲା କ୍ଷୀଣ
ତଥାପି ବ୍‌ଥିଲି
ନିର୍ଦ୍ଦେଶ ଥିଲା ସ୍ରଷ୍ଟାର ।
ବୟସଟା ବଢୁଥିଲା ସମୟ ସାଥିରେ
ଯୌବନଟା ତା' ସମୟରେ ବି
ପଶିଲା ଧସେଇ ମୋ ଶରୀରରେ ।
ଜୀବନ ପ୍ରତି ଆସକ୍ତି
ବଢୁଥିଲା ଧିରେ ଧିରେ ମୋର
ବାପା ମା' ଛାଡି ନଥିଲେ ମୋ ପାଇଁ
ଆଶା ତିଳେ ବି ତାଙ୍କର ।

ବାପା ମା' ଆଉ ଡାକ୍ତର
ଡାକ୍ତରଖାନାର
ପ୍ରେମରେ ଯାଇଥିଲେ ପଡ଼ି
ମୋ ହୃଦୟ ପ୍ରତିରୋପଣ ପାଇଁ
ପଇସା ଦେଉଥିଲେ ଅଜାଡି ।
ଭରସା ତୁଟି ନଥିଲା ତଥାପି
ଭଗବାନଙ୍କ ଠାରେ
ଚେନାଇ ନର୍ସିଂହୋମ ବେଡ଼ରେ
ପଡ଼ିଥାଏ ମୁଁ
ଏକ ଅଲୌକିକ ଆଶାରେ ।

ଶୁଣିଲି
ସ୍ୱାମିନାଥନ୍ ସତେଇଶ ବର୍ଷ ବୟସରେ
ତମେ ହେଲ ଦୁର୍ଘଟଣାଗ୍ରସ୍ତ
ମରିଯାଇଥିଲା ତୁମର ମସ୍ତିସ୍କ
ହେଲେ
ଲାଲ ଟୁକ୍ ଟୁକ୍ ହୃଦୟଟା ତମର
ଥିଲା ସତେଜ କରୁଥିଲା ଧକ୍ ଧକ୍
ମୃତ୍ୟୁ ପାଖେ ହାର ମାନି ନ ଥିଲା
ହୃଦୟ ଟା ତମର
ଖୋଜୁଥିଲା ମୋତେ ବୋଧେ
ହୋଇପାରେ ସମ୍ପର୍କଟା
ପୂର୍ବ ଜନ୍ମର
ପ୍ରତିରୋପଣ ହେବାର ଅବଧି
ମାତ୍ର ଚାରିଘ ।ର
ତା'ମଧ୍ୟ ପୂରଣ ହେବା ଦରକାର
ସମସ୍ତ ଉପରେର ।

ଇ ରନେଟ୍ ଯୁଗରେ
ସମ୍ବାଦ ପ୍ରସାରଣର ଗତି କ୍ଷୀପ୍ରତର
ଆମ ଦୁହିଁଙ୍କର ସ୍ଥିତି
କେମିତି ରହିବ ଲୁଚି
ସମ୍ବାଦରୁ ଏହା ନୁହେଁ ତ ବାହାର ।
ତତ୍କ୍ଷଣାତ୍
ଦୁଇ ହସପିଟାଲ ମଧ୍ୟେ
ଯୋଗସୂତ୍ର ହୋଇଲା ସ୍ଥାପନ
କରିବାକୁ ତୁମ ହୃଦୟଟା
ମୋ ଦେହରେ ପ୍ରତିରୋପଣ ।
ପୋଲିସ୍ ଜନତା ଏବଂ ପ୍ରଶାସନ
ହୋଇଲେ ତତ୍ପର କଲେ ସହଯୋଗ

ରାସ୍ତାର ସମସ୍ତ ଟ୍ରାଫିକ
ବନ୍ଦ ହେବାଟା ହିଁ
ହୋଇଲା ସମ୍ଭବ ।

ଆମ୍ବୁଲାନ୍ସ ପାଇଁ
ପଇଁଚାଳିସି ମିନିଟିର ରାସ୍ତା
ହୋଇଗଲା ଛୋଟ
ପହ୍ଞ୍ଚିବାକୁ ଲାଗିଲା
ତମ ହୃଦୟଟାକୁ ମୋ ପାଖେ
ମାତ୍ର ତେର ମିନିଟ ।
ପ୍ରତିରୋପଣ ପ୍ରକ୍ରିୟା ହୋଇଲା ସଂପୂର୍ଣ୍ଣ
ମୋ ଶରୀରରେ
ତମେ ମୃତ ଏହା ସତ
କିନ୍ତୁ ମୁଁ ବଞ୍ଚିଗଲି
ତମ ହୃଦ୍‌ସ୍ପନ୍ଦନରେ ।

ଏ ଜନ୍ମରେ
ତୁମ ସହ ମୋର ଦେଖା
ହୋଇନିବି ଥରେ
ପୂର୍ବ ଜନ୍ମର ସଂପର୍କଟାକୁ
ମୁଁ ଅସ୍ୱୀକାର କରି ନ ପାରେ
ନ ହେଲେ କି
ନିଜ ହୃଦୟଟାକୁ ଅକାତରେ
କିଏ ଅନ୍ୟକୁ ଦାନ କରିପାରେ ?
ଏ ଜୀବନରେ ରହିଲି ମୁଁ ଋଣୀ
ତୁମ ସହୃଦୟତାରେ
ଋଣର ବୋଝ ବୋହି ବୋହି
ବଞ୍ଚିବାକୁ ହେବତ ମୋତେ
ଶୁଝିବାକୁ ତୁମ ଋଣ
ଆର ଜନମରେ ।

❖❖❖

# ନୀରବତା

ବିଶାଳ ବଟବୃକ୍ଷ
ତଳେ ତା'ର ଧ୍ୟାନମଗ୍ନ
ସଂସାର ବିରାଗୀ ରାଜପୁତ୍ର
ମୌନବ୍ରତ କରନ୍ତି ଧାରଣ
ଦେହରକ୍ଷୀ କରିଛନ୍ତି
ବେଷ୍ଟନୀ ମଣ୍ଡନ ।
ରାଜାରାଣୀ ବିଷାଦଗ୍ରସ୍ତ
ପୁତ୍ରର ଚିନ୍ତାରେ
ସକଳ ସୁଖ ହୋଇଛି ହରଣ
ରାଜ କୁମାର ନ ଶୁଣନ୍ତି
ମାତା ପିତାଙ୍କ ବାରଣ ।

ପକ୍ଷୀଟିଏ କାହୁଁ ଆସି
ସେ ବୃକ୍ଷ ଡ଼ାଳେ ଗଲା ବସି
ନିଷ୍କପଟ ମନେ ତା'ର
ରାବୁଥିଲା ନିରନ୍ତର
ଅନ୍ୟପକ୍ଷୀ ଅନେକ
ଲୁଚିଥିଲେ ଗଛର ଡ଼ାଳରେ
ଚୁପ୍‌ଚାପ୍ ବସିଥିଲେ ନିରବରେ
ବ୍ୟାଧର ଭୟରେ ।

ଦୁର୍ଦ୍ଦାନ୍ତ ସେ ବ୍ୟାଧ
ହାତେ ଧରି ଧନୁତୀର
ବୁଲୁବୁଲୁ
ଶୁଣି ସେ ପାରିଲା

ଏକ ପକ୍ଷୀର କାକଳି
ଲକ୍ଷ୍ୟକରି ମାରିଲା ତା'ତୀର
ରାବୁଥିବା ପକ୍ଷୀର ଦେହରେ
ଗଲା ତା'ର ତୀର ଗଳି ।
ରକ୍ତାକ୍ତ ପକ୍ଷୀଟି
ପଡ଼ିଗଲା ତଳେ
ରାଜପୁତ୍ରଙ୍କ ସମ୍ମୁଖରେ
ଛଟପଟ ହେଉଥିଲା
ଅସହ୍ୟ ଯନ୍ତ୍ରଣାରେ
ମୃତ୍ୟୁ ତା'ର ଅତି ନିକଟରେ ।

ରାଜପୁତ୍ର
ନ ରହି ନିରବ
ଦେଲେ ତାକୁ ଆଉଁସି
ଖୋଲିଲେ ସେ ତୁଣ୍ଡ
କହିଲେ ପକ୍ଷୀକୁ
"କାହିଁକି ଖୋଲିଲୁ ତୁ ପାଟି
ଅକାରଣେ ସିନା ପାଇଲୁ ତୁ ଦଣ୍ଡ" ।

ସେହିକ୍ଷଣି ଏକ ଦେହରକ୍ଷୀ
କ୍ଷୀପ୍ରବେଗେ ଗଲା ଅନ୍ତପୁରେ
ରାଜାରାଣୀଙ୍କୁ ଦେବାକୁ ସନ୍ଦେଶ
ନିରବତା ଭଙ୍ଗ କରିଛନ୍ତି
ରାଜକୁମର
ଖୋଲିଛନ୍ତି ତୁଣ୍ଡ
ମଣିମା ! ହୁଅନ୍ତୁ ସନ୍ତୁଷ୍ଟ ।

ସହସା
ପାତ୍ର ମନ୍ତ୍ରୀ ପରିଷଦ ଗହଣରେ
ରାଜାରାଣୀ ବୃକ୍ଷପାଶେ
ହୋଇଲେ ହାଜର
ଦେଖିଲେ ପୂର୍ବବତ୍
ମୌନ ବ୍ରତେ ଧ୍ୟାନମଗ୍ନ ରାଜକୁମର
ତିଳେ ବି ନାହିଁ
ପରିବ ର୍ନ ପରିସ୍ଥିତିର ।

ରାଜା ମନେ ଭରି କ୍ରୋଧ
ବିନା ଅନୁଧ୍ୟାନେ
ରକ୍ଷୀକୁ କଲେ ଅବିଶ୍ୱାସ
ମିଥ୍ୟାଚାରୀ ଆଖ୍ୟାଦେଇ
ତୁରନ୍ତ ଶୁଳୀରେ ବସାଇବାକୁ
କରିଲେ ଆଦେଶ ।

ବିଚରା ରକ୍ଷୀ
ନୁହେଁ ମିଥ୍ୟାଚାରୀ
ଅନ୍ୟ ରକ୍ଷୀଙ୍କ ପରି ।
ରହି ନ ପାରି ନୀରବ
ସାହସ ସ ୟ କରି
ରାଜାଙ୍କ ପାଶେ
ଖୋଲିଲା ତା ତୁଣ୍ଡ
ସତ କଥା କହି ସିନା
ପାଇଲା ସେ ମୃତ୍ୟୁ ଦଣ୍ଡ ।
ପ୍ରୟୋଜନ ନଥିଲେ ନିହାତି
ନିରବ ରହିବା ହିଁ ଭଲ
ଅଦରକାରେ ଖୋଲିଦେଲେ ପାଟି
ଭଲ ହୋଇଯାଏ ଭେଲ ।

❖❖❖

# ବଙ୍କୁଲି ବାଡ଼ି

ମୋ ଜେଜେବାପାଙ୍କ
ବଙ୍କୁଲି ବାଡ଼ିଟା ଶୋଭାପାଉଛି
ଆମ ଘର ଡ୍ରଇଁ ରୁମର
କାଚ ଆଲମିରାରେ
ଆମେ ଅଛୁ ଏବେ ରାଜଧାନୀରେ ।
ଶିଶୁ କାଠରେ ତିଆରି
ବଙ୍କୁଲି ବାଡ଼ିଟା
କଳା ମୁଚୁମୁଚୁ ତା' ଦେହଟା
ଶେଷ ଭାଗରେ ପି ଳର ଗୋବ
ଅଗ୍ରଭାଗ ବଙ୍କୁଲି ପଟରେ
ଶାର୍ଦ୍ଦୁଳର ମୁହଁ
ଛାଉଣି ହୋଇଛି ରୂପାଚନ୍ଦିରେ ।

ତିରିଶି ମୌଜାର ଜମିଦାର
ମୋ ଜେଜେବାପା
ବଳବନ୍ତ ଶାର୍ଦ୍ଦୁଳ ସିଂହ ସର୍ଦ୍ଦାର
ଏବେ ବି ଝଲସି ଉଠନ୍ତି
ଆମ ଘର କାନ୍ଥରେ
ଟଙ୍ଗା ହୋଇଥିବା
କଳା ଧଳା ଫଟୋ ଫ୍ରେମରେ
ସତେକି ଚାହିଁଛନ୍ତି ତରାଟି
ତାଙ୍କ ଅଗ୍ନିବର୍ଷି ଆଖିରେ ।

ଜେଜେ ଙ୍କ ଜମିଦାରୀ
ଗଲାଣି ସେଦିନୁ ଚାଲି
କର୍ପୁର ଯାଇଛି ଉଡି
କନାଟା ପଡିଛି ଖାଲି ।
ଜେଜେ ବାପା ମୋର
ବଳବନ୍ତ ଶାର୍ଦ୍ଦୁଳ ସିଂହ
ବିରାଟ ବପୁରେ ବାଘୁଆ ନିଶ
ତାଙ୍କ ଗମ୍ଭୀର ମୁହଁରେ ମୁରୁକି ହସ
ଦେଖିଲା ଲୋକର ଛାନିଆ ପଶେ
ଓଳଗି ହୋଇ ସେ ତଡ଼େଇ ଖସେ ।

ଜେଜେ ଯାଉଥିଲେ ଯେବେ
ତାଙ୍କ ତାମଯାନରେ
ଗର୍ଭଣୀ ଗାଈ ଛାଡି ଦେଉଥିଲା ବାଟ
ରୟତ, ବେଠିଆ, ପିଆଦା, ମୁନ୍‌ସୀ
ବାଟ କଢ଼ାଉଥିଲେ ଆଗରେ ।
ରୟାଲ ବେଙ୍ଗଲ ଟାଇଗର
ଜେଜେଙ୍କୁ କରୁଥିଲା ଜୁହାର
ହୁଙ୍କାର ନଛାଡ଼ି ମଥା ପାତୁଥିଲା
ତାଙ୍କ ପାଖରେ ।
ସାରା ଦରବାର ପଡୁଥିଲା ନ୍ୟୁନ
ଜେଜେଙ୍କ ଗର୍ଜ୍ଜନ ଆଗରେ ।

ମୋ ଜେଜେବାପା
ଭାରି ରସିକିଆ
ଫିନ୍ ଫିନ୍ ଧଳା ପଞ୍ଜାବି ସାଙ୍ଗରେ
କୁ ପକା ଶାନ୍ତିପୁରୀ ଧୋତିରେ

ନାଏଗ୍ରା ଚପଲ
ମାନୁଥିଲା  ତାଙ୍କୁ ଭାରି ବଢ଼ିଆ
ଦୂରରୁ ଥାଇ ମୋ ଜେଜେ ମାଆ
ଲାଜେଇ ଲାଜେଇ ମୋତେ କହୁଥାଏ
ତୋ ଜେଜେବାପା
କ'ଣ ଦିଶୁ ନାହାନ୍ତି
ମୋ ଗିରସ୍ତ ଭଳିଆ ।

ଜମିଦାରୀ ଉଚ୍ଛେଦ ହେଲାପରେ
ଜମିଦାରଙ୍କୁ ଆଉ କିଏ ପଚାରେ ?
ଆମେମାନେ ଏଠି ସବୁ ଚାକିରିଆ
ଖଟୁଛୁ ଖାଉଛୁ
ଆଉ ନାହିଁ ଠାଣିମାଣି
ପୂର୍ବ ଜମିଦାରିଆ
ଜେଜେଙ୍କ ବଙ୍କୁଲି ବାଡ଼ିଟା
ମୂକ ସାକ୍ଷୀ ସାଜି
ଆଜି ଚାହୁଁଛି ଜଳକା ଭଳିଆ ।



# ଛାଡ଼ପତ୍ର

ନଅ ବର୍ଷର ଛୁଆ 'ବାବୁନି'
ବୟସ ଠାରୁ ବୁଦ୍ଧିଆ ବେଶୀ
ବହୁତ ଭାବେ ଅଳପ କହେ
ଭଡଭଡ ମୋଟେ ସିଏ ହୁଏନି ।
ବାପାମାଆ ଙ୍କର ଗୋଟିଏ ପୁଅ
ଷ୍ଟାଣ୍ଡାର୍ଡ଼ ଫୋରରେ ପଢ଼େ ବାବୁନି
ଇଂଲିସ୍ ମିଡ଼ିୟମ୍ ସ୍କୁଲ ସେ ଯାଏ
ସବୁକଥା ସେ ନିରେଖି ଦେଖେ
ସବୁକାମ ସେ ନିଜେ ପରଖେ
ମନକଥା ଖୋଲି କେବେ କହେନି ।

ବାବୁନି ଦେଖୁଛି
ଏଇ କେତେ ଦିନ ହେଲା
ବାପା ମାଆ ନିଇତି
କରୁଛନ୍ତି ଘରେ ଝଗଡ଼ା
ସବୁଥିରେ ଯୁକ୍ତିତର୍କ
କଥା କଟାକଟି
ଧକା ମକା ଆଉ ହୋ ହଲା
ଘରଟା ତାଙ୍କର ଉଠୁଛି ପଡୁଛି
କିଏ ସେ କହିବ ତାଙ୍କୁ ଭଲା ।
କେହି କାହାକୁ
ଛାଡୁ ନାହାନ୍ତି କେଉଁ କଥାରେ
ସଂପର୍କରେ ଫାଟ ଗଲାଣି ପଡ଼ି
ସ୍ନେହ ପ୍ରେମ ବନ୍ଧନ ଗଲେଣି ଭୁଲି
ମନରେ ତିକ୍ତତା ଗଲାଣି ଭରି

ନାହିଁ ଆତ୍ମୀୟତା ପୂର୍ବ ଭଳି
ରହିବାକୁ ନୁହନ୍ତି ରାଜି ଏକା ସାଙ୍ଗରେ
ସମ୍ଭବ ନୁହେଁ ରହିବା ଆଉ
ଗୋଟିଏ ଘରେ ।

ବାବୁନି ଶୁଣୁଛି
ବାପା ମାଆ ତା'ର ଅଲଗା ହେବେ
ଓକିଲ ଡ଼ାକିବେ
ଆଲୋଚନା ପରେ
ଡ଼ାଇଭର୍ସ କେସ
ଫାଇଲ ହେବ କୋର୍ଟରେ
ଆଉ ଦେବେନି ଦଖଲ
କେହି କାହା ଜୀବନରେ ।

ବାବୁନି କାନ୍ଦୁଛି ଭିତରେ ଭିତରେ
କା ଆଗେ ପାରୁନି ତା କଥା କହି
ଦୁଇଜଣଙ୍କ ଭିତରୁ
ଜଣକୁ ଛାଡ଼ି ସେ
କେମିତି ପାରିବ ରହି ।

ବାପା ତା'ର ପରିଚୟ
ମାଆ ତା'ର ଜୀବନ
ତାଙ୍କ ଠାରୁ କିପରି ହେବ ସିଏ ଭିନ୍ନ
ତାଙ୍କ ବିନା ତା' ଜୀବନ
କେବେ ନୁହେଁ ସମ୍ପୂର୍ଣ୍ଣ ।

ବାବୁନି ଦେଖିଲା ଦିନେ
ବାପା ମାଆ ଆଉ ଓକିଲ
ବସିଛନ୍ତି ଡ୍ରଇଂ ରୁମରେ
ଚାଲିଛି ଆଲୋଚନା
ତାଙ୍କ କେଶ୍ ବିଷୟରେ
ବାବୁନି ପାରିଲାନି ଆଉ ସହି
ରୁମରେ ପଶିଲା ଯାଇ
କହିଲା–
"ଓକିଲ ଅଙ୍କଲ
ନୂଆ ନୂଆ ସ୍ୱାମୀ ସ୍ତ୍ରୀଙ୍କ ପାଇଁ
ଛାଡ଼ପତ୍ର ଦେବା ସମ୍ଭବ
ହୋଇପାରେ ଏକ ପ୍ରକାର
ବାପା ମାଆ ହେଲା ପରେ
ସେ ଦମ୍ପତି ଙ୍କ ପାଇଁ
ଛାଡ଼ପତ୍ର କାହିଁକି ଦରକାର ?
ଆଇନ୍ ଟା କ'ଣ ଅନ୍ଧ
ଏହାକୁ କାହିଁକି କରୁନ ବନ୍ଦ ।
ମୋ ଭବିଷ୍ୟତ କଥା
ଟିକେ ବିଚାର କର
ଜୀବନରେ ବାପାମାଆ
ଉଭୟେ ମୋର ଦରକାର ।"

କାନ୍ଦୁଥିଲା ବାବୁନି ସକେଇ ସକେଇ
ଦିଶୁଥିଲା ଭାରି ଅସହାୟ
ଆଖିରୁ ଝରୁଥିଲା ତା'ର
ଧାର ଧାର ଲୁହ ।

ଓକିଲ ଓ ବାପା ମାଆ
ସମସ୍ତେ ହୋଇଗଲେ ସ୍ତବ୍ଧ
ସବୁ ଚର୍ଚ୍ଚା ବିମର୍ଷ ତତ୍କ୍ଷଣାତ୍
ହୋଇଗଲା ପୁରାପୁରି ବନ୍ଦ ।
ବାପା ମାଆ ଉଭୟେ ଏକସଙ୍ଗେ
ବାବୁନିକୁ ନେଲେ କୋଳେଇ
ଫାଟୁଥିଲା ବୁକୁ ତାଙ୍କର
ଉଠୁଥିଲା କୋହ
ବାବୁନିର ଲୁହସାଥେ
ମିଶୁଥିଲା ସେମାନଙ୍କ ଲୁହ ।



# ଜରାଶ୍ରମ

ଜରାଶ୍ରମରେ
ବାଜୁଛି ଯୋଡ଼ି ନାଗରା
ଅନ୍ତେବାସୀ ଆଜି ଆତ୍ମହରା
ବାଜୁଛି ପେଁକାଳୀ ସାହାନାଇ ବି ବାଜୁଛି
ଶଙ୍ଖର ଧ୍ୱନିରେ ଆସିଛି ବସନ୍ତ
ମଳୟ ତାନରେ କୋଇଲି ଗାଉଛି
ପ୍ରଣୟର ଅଭୁଲା ସଂଗୀତ ।
ନୁହେଁ ବିଳମ୍ବିତ
ବୟସ୍କ ପ୍ରେମୀ ଯୁଗଳଙ୍କ
ସୁଖର ମୁହୂର୍ତ୍ତ
ଚାଳିଶ ବର୍ଷତଳ ପ୍ରତୀକ୍ଷାର
ହେବ ଆଜି ଅନ୍ତ ।

ଜରାଶ୍ରମରେ ବୟସ୍କଙ୍କ ବାହାଘର
ଶୁଣିବାକୁ ଲାଗେ ଅଖାଡୁଆ
ଅଜବ ହୋଇପାରେ ଏ ଖବର
କିନ୍ତୁ ଗୁଜବ ନୁହେଁ
ଅବଶିଷ୍ଟ ଜୀବନ ଯାତ୍ରାର
ଏବେ ଦୁଇ ପଥିକ
ଲେଖିବେ ତାଙ୍କ ଅସମାପ୍ତ ଗଳ୍ପ ।
ପ ଷଠି ବର୍ଷ ବୟସର ସୂର୍ଯ୍ୟକାନ୍ତ
ବାଷଠି ବର୍ଷ ବୟସ୍କା ପଦ୍ମାବତୀ
ଚାଳିଷ ବର୍ଷ ତଳର ଦୁଇ ପ୍ରେମୀଯୁଗଳ
ନିଷ୍ଠୁର ଅସହିଷ୍ଣୁ ସମାଜକୁ ସହିଗଲେ

ବିରୁଦ୍ଧରେ ଉଠାଇ ପାରିଲେନି ସ୍ୱର
ଏକାକୀ ଚାଲିଗଲେ ଯିଏ ଯେ ଝା ବାଟେ
ସ୍ୱପ୍ନ ଥିଲା ବହୁ ଦୂର ।

ପ୍ରତିଜ୍ଞାବଦ୍ଧ ଦୁଇପ୍ରାଣୀ
ମଜ୍ଜିଯାଇ ନିଜ ନିଜ ବୃ ିରେ
ହଜିଗଲେ ଏ ଦୁନିଆଁର ଗହଳି ଭିତରେ
ଅବସର ନେଲାପରେ
ହଠାତ୍ ଶୁଭିଲା ସ୍ୱର ଦୁହିଁଙ୍କର
ଜରାଶ୍ରମ ଅନ୍ତେବାସୀଙ୍କ ଗହଣରେ
ପକ୍ୱକେଶ ଶ୍ଳଥଚର୍ମା ହେଲେ ମଧ୍ୟ
ପରସ୍ପର ଚିହ୍ନିବାରେ କଲେ ନାହିଁ ହେଳା
ଚୁମ୍ବକୀୟ ମନଟା ଆଗଭଳି ଥିଲା
ଶରୀରରେ ଯଦିଓ ଜଙ୍କ ଲାଗି ସାରିଥିଲା ।

ଦୁହିଁଙ୍କର ଲୁହର ଧାରରେ
ଧୋଇଦେଲେ ବିତି ଯାଇଥିବା
ଚାଳିଶି ବର୍ଷର ଅତୀତକୁ
ଗପସପ କଥାବା ା ହେଉଥିଲେ
ଚୁପଚାପ କେତେ କ'ଣ
ଜଣେ ପାଇ ପାଖରେ ଅନ୍ୟକୁ ।

କ୍ରମେ ଜରାଶ୍ରମବାସୀ
ଖୁସି ହେଲେ ଜାଣି
ଦୁହିଁଙ୍କର ଅତୀତ ପ୍ରେମ କାହାଣୀ
ପ ।ଅଶୀ ବର୍ଷ ବୟସ୍କ ଅନ୍ତେବାସୀ
ବୟୋବୃଦ୍ଧ ପଣ୍ଡିତ ବିଶ୍ୱବିହାରୀ

ଦେଲେ ଉପଦେଶ
ଏହା ସ୍ରଷ୍ଟାଙ୍କ ନିର୍ଦ୍ଦେଶ
"ହାତଗଣ୍ଠି ପଡ଼ିବ ନିଶ୍ଚିତ ବରକନ୍ୟାଙ୍କର
ମ୍ୟାନେଜର ବାବୁ !
ବାହାଘର ଆୟୋଜନ କର
ମୁଁ ହେବି ଏକକ କର୍ତ୍ତା ।
ମୋ ଦୁଇ ସନ୍ତାନଙ୍କର
ସଭିଏଁ ଆସ ସାମିଲ ହୁଅ
ଅଭିନବ ଏହି ବାହାଘରେ
ବାର୍ତ୍ତା ଯାଉ ସମାଜକୁ
ବାଧା ନାହିଁ ନୂତନ ଚିନ୍ତା
କାର୍ଯ୍ୟକାରୀ କରିବାରେ ।"



# ମୋ ବାପା ମୋର

ସରୋଜିନୀ ଟିକେ ଚୁପ୍ ରହ
ଯାହା ଆସୁଛି ତାହା ବକୁଚ
ପାଟିରେ ତମର ଲଗାମ ଦିଅ
ତୁଚ୍ଛା କଥାକଟାରେ କାହିଁକି ହେଉଛ ଗରଗର
କିଛି ଲାଭ ନାହିଁ
ବରଂ କ୍ଷତି ତୁମର ।

ମୋ ବାପା ପରା ତମ ଶ୍ୱଶୁର ?
ସତୁରୀ ବର୍ଷର ବୁଢ଼ା ଲୋକଟିକୁ
ଜରା ନିବାସରେ ରଖିବା ପାଇଁକି
କାହିଁକି କରୁଛ ଜିଦି ବାରମ୍ବାର
ଏକି ଅବିବେକି କଥା ତମର ?
କମ୍ପାନୀ ଚାକିରୀ କରିଥିଲେ ବାପା
ପେନ୍‌ସନ୍ ଗଣ୍ଡାକ ନାହିଁ ତାଙ୍କର
ଦୁଇବେଳା ମୁଠେ ଖାଇବା ପାଇଁକି
ଦେଉଛ ବୋଲି ଭାବୁଛ କି
ସେ ହୋଇଛନ୍ତି ବୋଝ ତୁମର ?

ଏ ବୟସରେ ବାପା କେତେ କର୍ମଠ
ହାରି ଯାଆନ୍ତି ନି କେଉଁ କଥାରେ
ସଜାଗ ଥାଆନ୍ତି ସାହାଯ୍ୟ କରନ୍ତି
ଜାବତୀୟ ଘର କାମରେ ତମର
କେତେ ଦରଦୀ ସଂବେଦନଶୀଳ ବାପା ଆମର ।

ଧର୍ଯ୍ୟଧର, ଶୁଣ ସରୋଜିନୀ
ହେଲେ କଥାଟି ସତ
ମୋ ପାଇଁ ପୁରୁଣା ତମ ପାଇଁ ନୂଆ
ନୁହେଁ ମିଥ୍ୟା ଏହା ତ୍ରିବାର ସତ୍ୟ ।

ଜରାଶ୍ରମତ ତମେ ବୁଲି ଦେଖିଛ
ତା'ପାଖ ଅନା ଥାଶ୍ରମ ଯାଇନ କେବେ
ସେ ଅନାଥ ଆଶ୍ରମର ଅନାଥ ପିଲା ମୁଁ
ନାଁ ପରମାନନ୍ଦ
ପ୍ରତିଷ୍ଠିତ ବ୍ୟକ୍ତି ଜଣେ ମୁଁ ଏବେ ।
ପ ତିରିଶ ବର୍ଷ ତଳେ ଏଇ ବାପା ମୋର
ନେଇଥିଲେ ମୋତେ କୋଳେଇ
ହୋଇଥିଲି ମାତ୍ର ଦେଢ଼ ବର୍ଷର
ଲାଳନ ପାଳନ କରି
ଶିକ୍ଷା ଦୀକ୍ଷା ଦେଇଥିଲେ ବୋଲି
ତାଙ୍କ ନାଁରେ ମୁଁ ଆଜି ପରିଚିତ
ବାବୁ ପରମାନନ୍ଦ ପ୍ରଶାସନିକ ଅଧିକାରୀ
ତୁମରି ସ୍ୱାମୀ ମୁଁ
ବରଂ ହୁଅ ଆନନ୍ଦିତ ।

ଏବେତ ଶୁଣିଲ ସରୋଜିନୀ
ମୋ ଜୀବନ ଭାଗବତ
ଠିକ୍ କର ତମେ ତମ ନିଜବାଟ ।
କେମିତି ଭୁଲିବି ବାପାଙ୍କୁ ମୋର
ମୋ ଜୀବନଠୁ ସିଏ ଅଧିକ
ଚାହିଁଲେ ବରଂ
ମୋତେ ସ୍ତ୍ରୀ ମିଳିବେ ଅନେକ ।

ବାପାତ ଗୋଟିଏ ମୋର
ଜନ୍ମଦାତାଙ୍କୁ ମୁଁ ଦେଖୁଛି
ତାଙ୍କରି ରୂପରେ
ମୋ ପାଇଁକି ସେ ଭଗବାନଙ୍କ ରୂପ
ମୋ ବାପା ମୋର
ମିଳିବେନି ଏପରି ବାପା
ସହସ୍ର ଜନମ କରିଲେ ତପ ।

